

Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଲବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448



Vol - 21 ✦ Issue No:164 ✦ 10 October 2025 (Friday) ✦ Rourkela ✦ Rs.2.00 ✦ Page -1 ✦ ୨୧ ବର୍ଷ ✦ ସଂଖ୍ୟା:୧୬୪ ✦ ୧୦ ଅକ୍ଟୋବର ୨୦୨୫ (ଶୁକ୍ରବାର) ✦ ରାଉରକେଲା ✦ ମୂଲ୍ୟ:ଟ.୨.୦୦ ✦ ପୃଷ୍ଠା-୬


# ବିହାରରେ ଚାଲିଛି ସିଟ୍ ମୂଳଚାଲ :

## ବିଜେପିକୁ ଟେନସନ୍ ଚିରାଗ, ମାଞ୍ଝୀ । ଆରଜେଡିକୁ ଅଡୁଆ କଂଗ୍ରେସ



ବିହାର,୯/୧୦: ବିହାରରେ ବିଧାନସଭା ନିର୍ବାଚନର ତାରିଖ ଘୋଷଣାକୁ ୩ ଦିନ ବିତିସାରିଲାଣି । ହେଲେ ଏଯାଏଁ କିନ୍ତୁ ଏନଡିଏ ହେଉ କି ମହାମେଣ୍ଟ, କେଉଁଠି ବି ସିଟ୍ ଭାଗବଣ୍ଟା ଛିଣ୍ଡିପାରିଲାନି । ସବୁ ଦଳ ଏବେ ମେଣ୍ଟରେ ନିଜ ନିଜର ମୂଳଚାଲ ଜାରି ରଖିଥିବାବେଳେ, ନେତାଙ୍କ ଟେନସନ୍ ବଢ଼ିବାରେ ଲାଗିଛି । ଗୋଟିଏ ପଟେ ଚିରାଗ ପାସୱାନଙ୍କ ଏଲଜେପି (ଆର) ଏବଂ ଜୀତନ ରାମ ମାଞ୍ଝୀଙ୍କ ଦଳ ହାମ୍ ବିଜେପି ସହ ସିଟ୍ ନେଇ ମୂଳଚାଲ ଜାରି ରଖିଛନ୍ତି । ଅନ୍ୟପଟେ ମହାମେଣ୍ଟରେ ମଧ୍ୟ ଭିଆଇପିର ମୁଖିଆ ମୁକେଶ ସହନୀ ଏବଂ ଆରଜେଡି ଭିତରେ ତାଳମେଳ ରହୁନି । ଖାଲି ସେତିକି ନୁହେଁ କଂଗ୍ରେସ ମଧ୍ୟ ଆରଜେଡି ସହ ସିଟ୍ ସେୟାରିଂ ଫର୍ମୁଲାକୁ ନେଇ ଆଲୋଚନା ଜାରି ରଖିଛି । ଯାହାକି ଏଥର ବିହାର ରାଜନୀତିକୁ ଆହୁରି ଅଧିକ ରୋଚକ କରିଛି । ମିଳିଥିବା ସୂଚନା ମୁତାବକ, ବିଜେପି ଏବେ ନିଜ ନିଜର ସହଯୋଗୀ ପାର୍ଟିକୁ ମନାଇବାରେ ବ୍ୟସ୍ତ ଅଛି । ଚିରାଗଙ୍କ ସହିତ ଏବେ ଦ୍ୱିତୀୟ ଥର ପାଇଁ କଥାବାର୍ତ୍ତା ଚାଲିଛି । ଚିରାଗ ଏବେ ଦିଲ୍ଲୀରେ ଥିବାବେଳେ, ତାଙ୍କ ସହ ବିହାର ନିର୍ବାଚର ପ୍ରଭାରୀ ଦାୟିତ୍ୱରେ ଥିବା ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ବିନୋଦ ତାୱଡେ ଏବଂ ମଙ୍ଗଲ ପାଣ୍ଡେ ଖୁବଶୀଘ୍ର ମିଟିଂ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି । ଅନ୍ୟପଟେ ଜୀତନ ରାମ ମାଞ୍ଝୀଙ୍କୁ ମନାଇବାକୁ ନିଜେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା କଥାବାର୍ତ୍ତା ଚଳାଇଛନ୍ତି । ବିଜେପି ଜୀତନ ମାଞ୍ଝୀଙ୍କୁ ଭରସା ଦେଇଛନ୍ତି ଯେ, ମେଣ୍ଟରେ ତାଙ୍କ ଦଳକୁ ପୂରା ଧ୍ୟାନ ଦିଆଯିବ । ହେଲେ ତା ପରେ ବି ମାଞ୍ଝୀ ଏବେ ବୁଝିବାକୁ ନାରାଜ ଥିବା ଜଣାପଡ଼ିଛି । ରାଜନୈତିକ ବିଶେଷଜ୍ଞଙ୍କ କହିବା ଅନୁସାରେ ବିଜେପି ପାଇଁ ଏବେ ସବୁଠୁ ବଡ଼ କଣ୍ଟା ସାଜିଛନ୍ତି ଚିରାଗ ପାସୱାନ୍ । ଚିରାଗ ବିଜେପିକୁ ୩୦ ସିଟ୍ ଦେବାକୁ ଦାବି କରୁଛନ୍ତି , ଆଉ ଏଥିପାଇଁ କଥାବାର୍ତ୍ତା ଜାରି ରହିଛି । ହେଲେ ଯଦି ବିଜେପି ଚିରାଗଙ୍କୁ ୩୦ ସିଟ୍ ଦିଏ ତେବେ ଏହା ଦଳ ପାଇଁ ବୁମେରାଂ ହୋଇପାରେ । ବିହାରରେ ଏଥର ବାଜି ଜିତିବାକୁ କଂଗ୍ରେସ ଜୋରସୋରରେ ଲାଗିପଡ଼ିଛି । ହେଲେ ଏଯାଏଁ ଦଳ ମହାମେଣ୍ଟରେ ସାଙ୍ଗ ଥିବା ଆରଜେଡି ସହ ସିଟ୍ ସେୟାରିଂ ଫର୍ମୁଲାକୁ ନେଇ କଥା ଛିଡ଼ାଇପାରିନି । ଏବେ ବି କଂଗ୍ରେସ ଆଉ ଆରଜେଡି ଭିତରେ ମୂଳଚାଲ ଜାରି ରହିଛି । କୁହାଯାଉଛି ବିହାରରେ ଏଥର କଂଗ୍ରେସକୁ ପାଖାପାଖି ୫୫ ସିଟ୍ ମିଳିପାରେ, ଆଉ ୨୫ଟି ସିଟରେ ପ୍ରାର୍ଥୀ ମଧ୍ୟ ଫାଇନାଲ୍ ସରିଲାଣି । ହେଲେ ଏତେ ସବୁ ପରେ ମଧ୍ୟ ମହାମେଣ୍ଟରେ ସିଟ୍ ଭାଗବଣ୍ଟା ଫାଇନାଲ୍ ହୋଇପାରୁନି । ମିଳିଥିବା ସୂଚନା ମୁତାବକ, ଆସନ୍ତା ଗୋଟିଏ କିମ୍ବା ଦୁଇ ଦିନ ଭିତରେ ସିଟ୍ ଭାଗବଣ୍ଟା ନେଇ କଥା ଛିଣ୍ଡିପାରେ ଆଉ ମେଣ୍ଟ ତରଫରୁ ଘୋଷଣା କରାଯାଇପାରେ । ବିହାରରେ ନୀତୀଶଙ୍କ ଜେଡିୟୁ ଏଥର ୧୦୨ ସିଟରେ ନିର୍ବାଚନ ଲଢ଼ିବା ନେଇ ଖବର ଆସୁଛି । ଏବେ ପର୍ଯ୍ୟନ୍ତ ପାଖାପାଖି ୩୦ ସିଟରେ ଦଳ ପ୍ରାର୍ଥୀ ମଧ୍ୟ ଫାଇନାଲ୍ କରିସାରିଥିବା କୁହାଯାଉଛି । ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ମଧ୍ୟ ଏହି ଲିଷ୍ଟକୁ ଗ୍ରୀନ୍ ସିଗନାଲ୍ ଦେଇସାରିଛନ୍ତି । ବିଜେପି ସହ ସିଟ୍ ସେୟାରିଂ ଫର୍ମୁଲା ନେଇ କଥାବାର୍ତ୍ତା ଆଲୋଚନା ଶେଷ ହେବା ପରେ ଦଳ ପ୍ରାର୍ଥୀଙ୍କ ନାଁ ଘୋଷଣା କରିପାରେ ।

# ମମତା ସରକାରଙ୍କୁ ୨୪ ଘଣ୍ଟିଆ ମହଲତ :

## ଆଇନ ଶୃଙ୍ଖଳା ସୁଧାର, ନଚେତ୍ ସାମ୍ବିଧାନିକ କାର୍ଯ୍ୟାନୁଷ୍ଠାନ



କଲକାତା,୯/୧୦: ପଶ୍ଚିମବଙ୍ଗର ଜଳପାଇଗୁଡ଼ିରେ ବିଜେପି ସାଂସଦ ଖଗେନ ମୁର୍ମୁ ଏବଂ ବିଧାୟକ ଶଙ୍କର ଘୋଷଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାକୁ ନେଇ ରାଜ୍ୟ ରାଜନୀତି ଉଷ୍ମ ହେବାରେ ଲାଗିଛି। କ୍ଷମତାସୀନ ତୃଣମୂଳ କଂଗ୍ରେସ ସମର୍ଥକମାନେ ଏହି ଆକ୍ରମଣ କରିଥିବାବେଳେ ବିଜେପି ଏହାକୁ ଗୁରୁତ୍ୱର ସହ ଗ୍ରହଣ କରିଛି। ଏହି ପରିପ୍ରେକ୍ଷୀରେ ବୁଧବାର ପଶ୍ଚିମବଙ୍ଗ ରାଜ୍ୟପାଳ ସି.ଆନନ୍ଦ ବୋଷ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ୨୪ ଘଣ୍ଟିଆ ମହଲତ ଦେଇଛନ୍ତି। ଯଦି ଏହି ସମୟ ମଧ୍ୟରେ ଆଇନ ଶୃଙ୍ଖଳାକୁ ସୁଧାରିବାରେ ରାଜ୍ୟ ସରକାର ବିଫଳ ହୁଅନ୍ତି, ତେବେ ସାମ୍ବିଧାନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟପାଳ କହିଛନ୍ତି। ଗୁରୁତର ଆହତ ହୋଇଥିବା ମୁର୍ମୁ ବର୍ତ୍ତମାନ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବାବେଳେ ଉଭୟ ମମତା ଓ ଆନନ୍ଦ ବୋଷ ତାଙ୍କୁ ପୃଥକ ଭାବେ ଭେଟିଛନ୍ତି। ରାଜ୍ୟପାଳ ଇତିମଧ୍ୟରେ ଜଳପାଇଗୁଡି ଘଟଣା ସମ୍ପର୍କରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଲିଖିତଭାବେ ଅବଗତ କରିସାରିଛନ୍ତି। ଯଦି ରାଜ୍ୟପାଳଙ୍କ ସୁପାରିସକୁ ରାଷ୍ଟ୍ରପତି ଗ୍ରହଣ କରନ୍ତି, ତେବେ ସମ୍ବିଧାନର ଧାରା ୩୫୬ ଅନୁଯାୟୀ ପଶ୍ଚିମବଙ୍ଗରେ ରାଷ୍ଟ୍ରପତି ଶାସନ ଲାଗୁ ହେବା ନିଶ୍ଚିତ ଜଣାପଡୁଛି। ଇତିମଧ୍ୟରେ ଏହି ଆକ୍ରମଣ ଘଟଣାରେ ପୁଲିସ ବୁଧବାର ଦୁଇଜଣଙ୍କୁ ଗିରଫ କରିଛି।

# ଗାଜା ପିସ୍ ପ୍ଲାନ୍‌କୁ ପିଏମ୍ ମୋଦିଙ୍କ ସ୍ୱାଗତ

## ଟ୍ରମ୍ପ ଓ ନେତାନ୍ୟାହୁଙ୍କୁ କଲେ ପ୍ରଶଂସା



ନୂଆଦିଲ୍ଲୀ,୯।୧୦:ଯୁଦ୍ଧ ଶେଷ କରିବାକୁ ରାଜି ହେଲେ ଇସ୍ରାଏଲ ଏବଂ ହମାସ। ଆମେରିକାର ମଧ୍ୟସ୍ଥତାରେ ହୋଇଥିବା ଶାନ୍ତି ଯୋଜନାର ପ୍ରଥମ ପର୍ଯ୍ୟାୟରେ ଇସ୍ରାଏଲ ଏବଂ ହମାସ ଶାନ୍ତି ପ୍ରତିଷ୍ଠା ନେଇ ସହମତ ହୋଇଛନ୍ତି। ଏ ବିଷୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଛନ୍ତି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲରେ ପୋଷ୍ଟ କରି ଲେଖିଛନ୍ତି ଯେ, 'ମୁଁ ଗର୍ବିତ ଯେ ଇସ୍ରାଏଲ ଏବଂ ହମାସ ଉଭୟ ଆମର ଶାନ୍ତି ଯୋଜନାର ପ୍ରଥମ ପର୍ଯ୍ୟାୟରେ ସହମତ ହୋଇଛନ୍ତି। ଶାନ୍ତି ପ୍ରତିଷ୍ଠା ନେଇ ସହମତି ଅର୍ଥ ହେଉଛି ସମସ୍ତ ବନ୍ଧକଙ୍କୁ ଖୁବ୍ ଶୀଘ୍ର ମୁକ୍ତ କରାଯିବ ଏବଂ ଇସ୍ରାଏଲୀ ସେନା ନିର୍ଦ୍ଧାରିତ ସୀମାକୁ ପ୍ରତ୍ୟାହାର କରିବ। ଗାଜା ପିସ ପ୍ଲାନକୁ ସମର୍ଥନ ଦ୍ୱାରା ପାଲେଷ୍ଟାଇନକୁ ଶାନ୍ତି ଫେରିବ । ହମାସ ଏବଂ ଇସ୍ରାଏଲ ମଧ୍ୟରେ ଇଜିପ୍ଟରେ ଶାନ୍ତି ଚୁକ୍ତି ସ୍ୱାକ୍ଷର ହେବ । ଟ୍ରମ୍ପଙ୍କ ଘୋଷଣା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତିକ୍ରିୟା ସାମ୍ନାକୁ ଆସିଛି। ଏକ୍ସରେ ପୋଷ୍ଟ କରି ସେ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ଏହା ସହ ଟ୍ରମ୍ପ ଏବଂ ନେତାନ୍ୟାହୁଙ୍କ ପ୍ରଶଂସା କରିଛନ୍ତି। ପିଏମ୍ ମୋଦି ଲେଖିଛନ୍ତି ,ଆମେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଶାନ୍ତି ଯୋଜନାର ପ୍ରଥମ ପର୍ଯ୍ୟାୟରେ ଚୁକ୍ତିକୁ ସ୍ୱାଗତ କରୁଛୁ। ଏହା ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କ ଦୃଢ଼ ନେତୃତ୍ୱର ମଧ୍ୟ ପ୍ରତିଫଳନ। ଆମେ ଆଶା କରୁଛୁ ଯେ ବନ୍ଧକଙ୍କ ମୁକ୍ତି ଏବଂ ଗାଜାର ଲୋକଙ୍କୁ ମାନବିକ ସହାୟତା ସେମାନଙ୍କ ପାଇଁ ଆଶ୍ୱସ୍ତି ଆଣିବ। ତା ସହ ସ୍ଥାୟୀ ଶାନ୍ତି ପାଇଁ ପଥ ପ୍ରଶସ୍ତ କରିବ।'

# ହଙ୍ଗେରି ଲେଖକଙ୍କୁ ସାହିତ୍ୟରେ ନୋବେଲ



ନୂଆଦିଲ୍ଲୀ,୯/୧୦:ହଙ୍ଗେରିରେ ଲେଖକ ଲାସଲୋ କ୍ରାଜନାହୋରକାଇଙ୍କୁ ସାହିତ୍ୟରେ ନୋବେଲ ପୁରସ୍କାର ମିଳିବ । ତାଙ୍କର ଉପନ୍ୟାସ ହର୍ସଟ୍ ୦୭୭୬୯ ପାଇଁ ତାଙ୍କୁ ଏହି ପୁରସ୍କାର ମିଳିବ । ଏହି ଉପନ୍ୟାସରେ ସାଂପ୍ରତିକ ଜର୍ମାନିର ସାମାଜିକ ଅସ୍ଥିରତା ତଥା ହିଂସା ଓ ସୌନ୍ଦର୍ଯ୍ୟ ଉପରେ ଏହାର ପ୍ରଭାବର ସୁନ୍ଦର ଚିତ୍ରଣ ପାଇଁ ତାଙ୍କୁ ଚୟନ କରାଯାଇଛି । ୧୯୫୪ ମସିହାରେ ହଙ୍ଗେରି ଓ ରୋମାନିଆ ସୀମାରେ ଥିବା ଗ୍ରାମ ଗ୍ୱାଲାରେ ଜନ୍ମଗ୍ରହଣ କରିଥିବା କ୍ରାଜନାହୋରକାଇଙ୍କ ଲେଖାର କେତେକ ସ୍ୱତନ୍ତ୍ରତା ରହିଛି । ତାହା ହେଉଛି ଲମ୍ବା ଓ ଜଟିଳ ବାକ୍ୟ ଓ ସେଥିରେ ଲୁଚି ରହିଥିବା ଗଭୀର ଦାର୍ଶନିକ ଅର୍ଥ । ୧୯୫୪ ମସିହାରେ ହଙ୍ଗେରି ଓ ରୋମାନିଆ ସୀମାରେ ଥିବା ଗ୍ରାମ ଗ୍ୱାଲାରେ ଜନ୍ମଗ୍ରହଣ କରିଥିବା କ୍ରାଜନାହୋରକାଇଙ୍କ ଲେଖାର କେତେକ ସ୍ୱତନ୍ତ୍ରତା ରହିଛି । ତାହା ହେଉଛି ଲମ୍ବା ଓ ଜଟିଳ ବାକ୍ୟ ଓ ସେଥିରେ ଲୁଚି ରହିଥିବା ଗଭୀର ଦାର୍ଶନିକ ଅର୍ଥ । ସ୍ୱିଡିସ ଏକାଡେମୀ ପକ୍ଷରୁ ହିଁ ପ୍ରତିବର୍ଷ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥାଏ । ନୋବେଲ ପୁରସ୍କାରର ବିଭିନ୍ନ ବର୍ଗ ମଧ୍ୟରେ ସାହିତ୍ୟ ପୁରସ୍କାରଟି ଅନ୍ୟତମ ଲୋକପ୍ରିୟ ପୁରସ୍କାର ଭାବେ ପରିଗଣିତ ହୋଇଥାଏ । ୧୯୦୧ରୁ ୨୦୨୪ ମଧ୍ୟରେ ମୋଟ ୧୨୧ ଜଣ ସାହିତ୍ୟରେ ନୋବେଲ ପୁରସ୍କାର ଜିତିଛନ୍ତି । ସେମାନଙ୍କ ମଧ୍ୟରୁ ୧୮ ଜଣ ମହିଳା ଅଛନ୍ତି । ଗତ ବର୍ଷ ଦକ୍ଷିଣ କୋରିଆ ଲେଖକ ହାନ କାଙ୍ଗଙ୍କୁ ସାହିତ୍ୟ ନୋବେଲ ପୁରସ୍କାର ମିଳିଥିଲା । ସେହିପରି ୨୦୨୩ରେ ଜନ ଫୋସେ ଓ ୨୦୨୨ରେ ଆନି ଆର୍ନକ୍ସଙ୍କୁ ସାହିତ୍ୟ ନୋବେଲ ମିଳିଥିଲା ।

# ଅଗ୍ନିକାଣ୍ଡରେ ୨ ମହିଳାଙ୍କ ମୃତ୍ୟୁ

ପାତ୍ରପୁର, ୯/୧୦(ନି/ପ୍ର): ଅଗ୍ନିକାଣ୍ଡରେ ପୋଡି ହୋଇ ଚିକିତ୍ସିତ ହେଉଥିବା ଦୁଇ ମହିଳାଙ୍କ ମୃତ୍ୟୁ । ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ । ଗତ ବୁଧବାର ଗଞ୍ଜାମ ଜିଲ୍ଲା ଚିକିଟି ବ୍ଲକ୍ ଚନ୍ଦନବାଡ଼ ଗାଁରେ ନିଆଁରେ ପୋଡି ହୋଇ ଗୁରୁତର ହୋଇଥିଲେ ୨ଜଣ ମହିଳା । ସେମାନଙ୍କୁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଥିଲା । ବୁଧବାର ହେମଲତା ବେହେରାଙ୍କ ମୃତ୍ୟୁ ହୋଇଥିବା ବେଳେ ଗୁରୁବାର ଅର୍ଥାତ୍ ଆଜି ଏସ.ରେବତୀ ରେଡ୍ଡୀ ପ୍ରାଣ ହରାଇଛନ୍ତି । ସୂଚନା ଅନୁସାରେ, ଚନ୍ଦନବାଡ଼ ଗାଁର ହେମଲତା ବେହେରା କୌଣସି କାମରେ ରେବତୀ ଘରକୁ ଯାଇଥିଲେ କ୍ଷ ରୋଷେଇ ଘରେ ବସି ରେବତୀ ଏବଂ ହେମଲତା କଥା ହେଉଥିବା ବେଳେ ଗ୍ୟାସ୍ ?ସିଲିଣ୍ଡରରୁ ଅଗ୍ନିକାଣ୍ଡ ଘଟିଥିଲା। ହଠାତ୍ ପିନ୍ଧିଥିବା ଲୁଗାରେ ନିଆଁ ଲାଗିଯାଇଥିଲା । ଉଭୟ ପୋଡ଼ି ହୋଇ ଚିତ୍କାର କରିଥିଲେ। ପାଟି ଶୁଣି ପରିବାର ଓ ପଡ଼ୋଶୀ ଲୋକ ଆସି ଉଭୟଙ୍କୁ ଉଦ୍ଧାର କରିଥିଲେ। ଉଭୟ ଗୁରୁତରଙ୍କୁ ପ୍ରଥମେ ସ୍ଥାନୀୟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା।

# ଲିଙ୍ଗରାଜ ମନ୍ଦିରରେ ଅଘଟଣ : ଯାଞ୍ଚ କଲା ଏଏସ୍ଆଇ ଟିମ୍



ଭୁବନେଶ୍ୱର,୯/୧୦:ବୁଧବାର ଅପରାହ୍ନରେ ରାଜଧାନୀ ଭୁବନେଶ୍ୱରରେ ୧ ଘଣ୍ଟା କାଳ ବର୍ଷା ଓ ଘଡ଼ଘଡ଼ି ହୋଇଥିଲା । ପ୍ରବଳ ବର୍ଷା ଯୋଗୁଁ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଜଳମଗ୍ନ ପରିସ୍ଥିତି ଦୃଷ୍ଟି ହୋଇଥିଲା। ଏପରିକି ବଜ୍ରପାତ ଯୋଗୁଁ ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ମନ୍ଦିରର ପତାକା ପୋଡିଯିବା ସହ ମନ୍ଦିରରେ ଲାଗିଥିବା କିଛି ସିସିଟିଭି ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଗର୍ଭଗୃହରେ ଲାଗିଥିବା ବଲ୍ବ ମଧ୍ୟ ପୋଡ଼ି ଯାଇଛି । ଏବଂ ବାକି ଆଉ କିଛି କିଛି ସ୍ଥାନରେ ମଧ୍ୟ ବଲ୍ବ ପୋଡ଼ିଯାଇଛି । ଏହାସହିତ ମନ୍ଦିରର ଅନେକ ସ୍ଥାନରେ କ୍ଷୟକ୍ଷତି ନେଇ ସୂଚନା ମିଳିଛି । ଅନେକ ସେବାୟତ ଓ ଶ୍ରଦ୍ଧାଳୁଙ୍କୁ ମଧ୍ୟ ବିଦ୍ୟୁତ୍ ଆଘାତ ଲାଗିଥିଲା । ତେବେ ଆଜି ସକାଳୁ ଏଏସ୍ ?ଆଇର ୫ ଜଣିଆ ଟିମ ମନ୍ଦିର ପରିସରରେ ବୁଲି ମନ୍ଦିର ସ୍ଥିତି ଅନୁଧ୍ୟାନ କରିଛନ୍ତି । ପତାକା ପରିବର୍ତ୍ତନ କରାଯାଇଥିବା ବେଳେ କିଛି ଇଲେକ୍ଟ୍ରିସିଆନ୍ ମରାମତି କାମ କରିଛନ୍ତି ।

# କଟକ ଗଣ୍ଡଗୋଳ : ଘରେ ଘରେ ଯାଞ୍ଚ

କଟକ,୯/୧୦(ନି/ପ୍ର): କଟକ ଦଶହରା ଭାସାଣି ଗଣ୍ଡଗୋଳ ଘଟଣା ପରେ କମିଶନରେଟ୍ ପୁଲିସ୍ ଘର ଘର ବୁଲି ଯାଞ୍ଚ କରୁଛି। ଆଜି ସକାଳୁ ପୁଲିସ ହାତୀପୋଖରୀ ଅଂଚଳରେ ଛାନଭିନ୍ କରୁଥିବା ଦେଖିବାକୁ ମିଳିଛି। ଦୁଇ ଜଣ ଏସିପି, ୩ ଜଣ ଆଇଆଇସିଙ୍କ ସହ ବ୍ୟାପକ ପୁଲିସ୍ ଫୋର୍ସ ମୁତୟନ ହୋଇଛନ୍ତି। ଘର ଘର ବୁଲି କମିଶନରେଟ୍ ପୁଲିସ୍ କେନ୍ଦ୍ରୀୟ ଫୋର୍ସ ସହ ମିଶି ଯାଞ୍ଚ କରୁଛି।

# ରାୟଗଡା ଅନାସ୍ଥା ଭୋଟିଂ ଶେଷ : ଫଳାଫଳ ସ୍ଥଗିତ

ରାୟଗଡା,୯/୧୦(ନି/ପ୍ର): ରାୟଗଡା ପୌର ପରିଷଦ ଉପାଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ଭୋଟିଂ ଶେଷ ହୋଇଛି। ଉପାଧ୍ୟକ୍ଷ ଶୁଭ୍ରା ପଣ୍ଡାଙ୍କ ବିରୋଧରେ ଆସିଥିବା ଅନାସ୍ଥା ଉପରେ ଭୋଟିଂ ହୋଇଛି। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଫଳାଫଳ ଘୋଷଣା ସ୍ଥଗିତ ରହିଛି। ଉପ ଜିଲ୍ଲାପାଳ ତଥା ନିର୍ବାଚନ ଅଧିକାରୀ ରମେଶ ଚନ୍ଦ୍ରଜେନା ସୂଚନା ଦେଇଛନ୍ତି। ଭୋଟ୍‌ବାକ୍ସକୁ ଜିଲ୍ଲା କୋଷଗାରରେ ସଂରକ୍ଷିତ ରଖାଯାଇଛି। ଉଚ୍ଚ ନ୍ୟାୟାଳୟଙ୍କ ପରବର୍ତ୍ତୀ ରାୟ ଆସିବା ପର୍ଯ୍ୟନ୍ତ ଫଳାଫଳ ସ୍ଥଗିତ ରହିଛି। ଗତକାଲି ଅନାସ୍ଥା ବିରୋଧରେ ଭୋଟିଂ ପାଇଁ ବିଜେଡି ହ୍ୱିପ୍ ଜାରି କରିଥିଲା । ସଭାପତି ନବୀନ ପଟ୍ଟନାୟକ ଦଳୀୟ କାଉନସିଲଙ୍କ ପାଇଁ ହ୍ୱିପ୍ ଜାରି କରିଥିଲେ।



# ତେଜସ୍ୱୀ କରିଦେଲେ ବଡ଼ ଘୋଷଣା ; ସରକାରକୁ ଆସିଲେ ପ୍ରତି ଘରକୁ ସରକାରୀ ଚାକିରି



ନୂଆଦିଲ୍ଲୀ,୯/୧୦: ବିହାରରେ ଭୋଟ୍ ପଡ଼ିବା ପୂର୍ବରୁ ତେଜସ୍ୱୀ ଯାଦବଙ୍କ ବଡ଼ ଘୋଷଣା । ପ୍ରତି ଘରକୁ ଗୋଟିଏ ଲେଖାଏଁ ସରକାରୀ ଚାକିରି ଦେବାକୁ ପ୍ରତିଶ୍ରୁତି ଦେଲେ ଲାଲୁ ନନ୍ଦନ ତେଜସ୍ୱୀ ଯାଦବ । ତେବେ ବିହାରରେ ଆସନ୍ତା ନଭେମ୍ବର ୬ ଏବଂ ୧୧ ତାରିଖରେ ଭୋଟ୍ ପଡ଼ିବାକ ଯାଉଛି, ଆଉ ଏହା ପୂର୍ବରୁ ଭୋଟରଙ୍କୁ ନିଜ ସପକ୍ଷରେ ଆଣିବାକୁ ତେଜସ୍ୱୀ ଏପରି ବଡ଼ ଘୋଷଣା କରିଥିବା କୁହାଯାଉଛି । ସରକାରୀ ଚାକିରି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ୍ କରିବା ସହିତ ମହାମେଣ୍ଟର ସରକାର ଆସିଲେ ପ୍ରତି ଘରକୁ ଗୋଟିଏ ଲେଖାଏଁ ସରକାରୀ ଚାକିରି ଦେବାକୁ ତେଜସ୍ୱୀ ଘୋଷଣା କରିଛନ୍ତି । ସାମ୍ବାଦିକ ସମ୍ମିଳନୀ କରି ତେଜସ୍ୱୀ ଯାଦବ କହିଛନ୍ତି, ' ନିର୍ବାଚନ ପ୍ରଚାର ଆରମ୍ଭ ହୋଇସାରିଛି ଏବଂ ଆମେ ପୂର୍ବରୁ କହିଛୁ ଯେ ସରକାର ଆମ ଘୋଷଣାଗୁଡ଼ିକୁ ନକଲ କରୁଛନ୍ତି । ବିହାରରେ ବେକାରୀ ଏକ ପ୍ରମୁଖ ସମସ୍ୟା ଆଉ ଆମେ ୧୭ ମାସର ସରକାରରେ ଲୋକଙ୍କୁ ଚାକିରି ଦେଇଥିଲୁ । ହେଲେ ଆଜି ସେମାନେ ବେକାରୀ ଭତ୍ତା ବିଷୟରେ କଥା ହେଉଛନ୍ତି । ତେବେ ବିହାରର ପ୍ରତ୍ୟେକ ପରିବାର ଯାହାଙ୍କ ପାଖରେ ସରକାରୀ ଚାକିରି ନାହିଁ, ସେମାନଙ୍କୁ ଏକ ସରକାରୀ ଚାକିରି ଯୋଗାଇବା ପାଇଁ ଏକ ନୂତନ ଆଇନ ପ୍ରଣୟନ କରାଯିବ। ସରକାର ଗଠନ କରିବାର ୨୦ ଦିନ ମଧ୍ୟରେ ଏହି ଆଇନ ପ୍ରଣୟନ କରାଯିବ ଏବଂ ୨୦ ମାସ ଭିତରେ ବିହାରରେ ଏପରି କୌଣସି ପରିବାର ରହିବ ନାହିଁ ଯାହାଙ୍କ ପାଖରେ ସରକାରୀ ଚାକିରି ନଥିବ ।" ତେଜସ୍ୱୀ ଆହୁରି ମଧ୍ୟ କହିଛନ୍ତି ଯେ, ଅନେକ ଲୋକ ପଚାରିବେ ଯେ ଆମେ ଯାହା ଘୋଷଣା କରୁଛୁ ତାହା କିପରି ପୂରଣ କରିବୁ । ହେଲେ ଆମେ ସମସ୍ତ ତଥ୍ୟ ସଂଗ୍ରହ କରିଛୁ ଏବଂ ସମସ୍ତ ସର୍ଭେ କରିଛୁ । ତେଣୁ ଯାହା ସମ୍ଭବ ହେବ ସେନେଇ ସେ ପ୍ରତିଶ୍ରୁତି ଦେଉଥିବା କହିଛନ୍ତି ତେଜସ୍ୱୀ ଯାଦବ । ସେପଟେ ତେଜସ୍ୱୀଙ୍କ ଏପରି ଘୋଷଣା ପରେ ଜେଡିୟୁ ମଧ୍ୟ ଏନେଇ ପ୍ରତିକ୍ରିୟା ପ୍ରକାଶ କରିଛି । ଜେଡିୟୁ ମୁଖପାତ୍ର ଅଭିଷେକ ଝା କହିଛନ୍ତି, 'ବିରୋଧୀ ଦଳର ନେତା ତେଜସ୍ୱୀ ଯାଦବ ଏବଂ ସମଗ୍ର ମହାମେଣ୍ଟ ଅନୁଭବ କରୁଛନ୍ତି ଯେ ସେମାନେ ଆଗାମୀ ନିର୍ବାଚନରେ ଏକ ବଡ଼ ପରାଜୟର ସମ୍ମୁଖୀନ ହେବାକୁ ଯାଉଛନ୍ତି । ନୀତୀଶ କୁମାର ପୂର୍ବରୁ ବିହାରର ଲୋକମାନଙ୍କୁ ବିଭିନ୍ନ ଯୋଜନା ଅଧୀନରେ ସମସ୍ତ ସୁବିଧା ପ୍ରଦାନ କରିସାରିଛନ୍ତି । ଜନସାଧାରଣ ତେଜସ୍ୱୀ ଯାଦବଙ୍କ ଚାକିରି ପାଇଁ ଜମି ମଡେଲକୁ ପ୍ରତ୍ୟାଖ୍ୟାନ କରିସାରିଛନ୍ତି । ଏବେ ଆମେ ଜମି ବଦଳରେ ଆପଣଙ୍କଠାରୁ କୌଣସି ଚାକିରି ନେବାକୁ ଚାହୁଁନାହୁଁ। ' ସୂଚନାଯୋଗ୍ୟ ଯେ ବିହାର ବିଧାନସଭା ନିର୍ବାଚନ ପାଇଁ ଭୋଟ୍ ଦୁଇଟି ପର୍ଯ୍ୟାୟ ରେ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟ ନଭେମ୍ବର ୬ (୧୨୧ ଆସନ) ଏବଂ ଦ୍ୱିତୀୟ ପର୍ଯ୍ୟାୟ ନଭେମ୍ବର ୧୧ (୧୨୨ ଆସନ) ରେ ଅନୁଷ୍ଠିତ ହେବ । ଯାହାର ରେଜଲ୍ଟ ଆସନ୍ତା ନଭେମ୍ବର ୧୪ ରେ ଆସିବ ।

# ଭାରତ ସହ ଲଢ଼ିବାକୁ ନିଜକୁ ଫିଟ୍ ରଖ :

## ନିଜ ସେନାକୁ ଏଭଳି କହିଲେ ପାକ୍ ସେନା ମୁଖ୍ୟ ଆସୀମ୍ ମୁନିର




ନୂଆଦିଲ୍ଲୀ,୯/୧୦: ଦଶହରାରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ପାକିସ୍ତାନକୁ ଦେଇଥିବା କଡ଼ା ବାର୍ତ୍ତା ପଡ଼ୋଶୀ ଦେଶରେ ହଇଚଇ ସୃଷ୍ଟି କରିଛି। ସମଗ୍ର ପାକିସ୍ତାନରେ ଭୟର ବାତାବରଣ ରହିଛି। ଏବେ ପାକିସ୍ତାନ ସେନା ମୁଖ୍ୟ ଫିଲ୍ଡ ମାର୍ଶଲ ଆସୀମ ମୁନିର ଏକ କର୍ପସ କମାଣ୍ଡର ସମ୍ମିଳନୀ କରିଛନ୍ତି, ଯେଉଁଥିରେ ସେ ତାଙ୍କ ସେନାକୁ ପ୍ରସ୍ତୁତ ରହିବା ଏବଂ ଫିଟନେସ୍ ଉପରେ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ଆସୀମ ମୁନିର ରାୱଲପିଣ୍ଡିର ସେନା ମୁଖ୍ୟାଳୟରେ ସଶସ୍ତ୍ର ବାହିନୀ ସହିତ ୨୭୨ତମ କର୍ପସ କମାଣ୍ଡର ସମ୍ମିଳନୀ କରିଥିଲେ। ପାକିସ୍ତାନୀ ନ୍ୟୁଜ୍ ଚ୍ୟାନେଲ ସମା ଟିଭିର ଏକ ରିପୋର୍ଟ ଅନୁଯାୟୀ, ରାଜନାଥ ସିଂହ ଏବଂ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀଙ୍କ ଚେତାବନୀ ପାକିସ୍ତାନୀ ସେନା ଭିତରେ ଭୟର ବାତାବରଣ ସୃଷ୍ଟି କରିଛି, ଏବଂ ବୈଠକରେ ଆସୀମ ମୁନିର ଚିନ୍ତା ପ୍ରକାଶ କରିଛନ୍ତି। ଏହା ସହ ଆସୀମ ମୁନିର ପୁଣି ଥରେ ଧମକ ଦେଇ କହିଛନ୍ତି ଯେ, ପାକିସ୍ତାନ ଯେକୌଣସି ଆକ୍ରମଣର ଜବାବ ଦେବାକୁ ପ୍ରସ୍ତୁତ। ସେ କହିଛନ୍ତି ଯେ, 'ଆମେ ସ୍ପଷ୍ଟ କରିବାକୁ ଚାହୁଁଛୁ ଯେ ପ୍ରତ୍ୟେକ ଆକ୍ରମଣର ଜବାବ ଶୀଘ୍ର ଏବଂ ଆକ୍ରମଣାତ୍ମକ ଭାବରେ ଦିଆଯିବ। ଯଦି କୌଣସି ଆକ୍ରମଣ ହୁଏ, ତେବେ ଆମର ସେନା ଶକ୍ତି ଏବଂ ଅଧିକ ଦୃଢ଼ତାର ସହିତ ଜବାବ ଦେବ।' ପାକିସ୍ତାନୀ ସେନା ପ୍ରତ୍ୟେକ କ୍ଷେତ୍ରରେ ସକ୍ଷମ। ମୁଁ ଆମ ସୈନିକମାନଙ୍କୁ ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବାକୁ ଅନୁରୋଧ କରୁଛି।'




# କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar

(Near Collectorate, Dist. Keonjhar, Phone / Fax: (06767) 255016

Email: utkalsamachar@gmail.com, Mob: 9437086122


## ଅସ୍ଥାୟୀ ପୋଲ ଧୋଇ ଯିବାର ୧ ମାସ ବିତିଗଲା ପରେ ମଧ୍ୟ ନିର୍ମାଣର ନାଁ ଧରୁନି ଠିକାଦାର

କେନ୍ଦୁଝର, ୯/୧୦(ନି.ପ୍ର): ଘଟଗାଁ ବ୍ଲକ ଅନ୍ତର୍ଗତ ବରବେଡା ହାଟ ଛକ, ୨୦ ନମ୍ବର ଜାତୀୟ ରାଜପଥ ଠାରୁ,ସାନ ନୂଆଗାଁ, ଶଗଡ଼ିଆ,ଖୁଂଟାପଡା ଜଙ୍ଗଲ ଛକ ପର୍ଯ୍ୟନ୍ତ ତିଆରି ହେଉଅଛି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ। ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିନରେ କାମ ଚାଲୁ ରହିଥିବା ବେଳେ ବର୍ତମାନ ଶଗଡ଼ିଆ ଏବଂ ସାନ ନୂଆଗାଁ ମଝିରେ ବହି ଯାଇଛି ଡଙ୍ଗାଧର ନଦୀ। ଏଠାରେ ପୂର୍ବରୁ ଥିବା ପୁରୁଣା ବ୍ରିଜ୍ କୁ ଭାଙ୍ଗି ନୂଆ ବ୍ରିଜ୍ କାମ ଚାଲୁଅଛି ତାହା ଏବେ ପିଲର କରି ଛାଡ଼ି ଦେଇଛନ୍ତି। ଅନ୍ୟପଟରେ ଏକ ଦୁର୍ବଳ ଅସ୍ଥାୟୀ ପୋଲ ତିଆରି ହୋଇଥିଲା ସେ ପୋଲ ଏବେ ଧୋଇ ହୋଇଯାଇଛି ଫଳରେ ଯିବା ଆସିବାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଯଥାଶୀଘ୍ର ଅସ୍ଥାୟୀ ପୋଲକୁ ତିଆରି କରିବାକୁ ଦାବି ହୋଇଛି। ଢେଙ୍କିକୋଟକୁ ଏହି ରାସ୍ତାରେ ଯିବା ପାଇଁ ୪ କି.ମି. ହୋଇଥାଏ ଅନ୍ୟପଟେ ବୁଲିକି ଗଲେ ବହୁ ବାଟ ଯିବାକୁ ପଡିଥାଏ। ସାନ ନୂଆଗାଁ ଗ୍ରାମର ଛାତ୍ର ଛାତ୍ରୀ ମାନେ ହଳଧରପୁର ଉଚ୍ଚ ବିଦ୍ୟାଳୟକୁ ପଢ଼ିବା ପାଇଁ ଯାଇଥାନ୍ତି। ପୋଲ ଧୋଇ ଯିବାରୁ ସ୍କୁଲ ଯିବା ବନ୍ଦ ହୋଇଯାଇଛି। ଠିକାଦାରଙ୍କ ଦେଖା ମଧ୍ୟ ମିଳୁନାହିଁ। ବିଭାଗୀୟ ଅଧିକାରୀ ମାନେ ମଧ୍ୟ ଚୁପ୍ ଚାପ୍ ହୋଇ ବସି ପଡ଼ିଛନ୍ତି ଯାହାଫଳରେ ସମସ୍ତେ ଯିବା ଆସିବା କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ କେନ୍ଦୁଝର ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବା, ଯଥାଶୀଘ୍ର ପୋଲ ନିର୍ମାଣ କରାଇବାକୁ ସାଧାରଣରେ ଦାବି ହୋଇଛି।

## ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଲେ ଗ୍ରାମବାସୀ



ଘଟଗାଁ, ୯/୧୦(ନି/ପ୍ର) :ଘଟଗାଁ ବ୍ଲକ ପଇଦାପାଟଣା ପଂଚାୟତ ଠାରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର କାର୍ଯ୍ୟ ସମ୍ପୂର୍ଣ୍ଣ ସରିଯାଇଛି, ଆଉ କିଛି ଦିନପରେ ପାଠପଢା ଆରମ୍ଭ ହେବ। ତେବେ ଉକ୍ତ ବିଦ୍ୟାଳୟଟି ଖୁଂଟାପଡା ଠାରୁ ନୂଆଗାଁ କୁ ସଂଯୋଗ କରୁଥିବା ରାସ୍ତା କଡରେ ଅବସ୍ଥିତ। ଖୁଂଟାପଡା ଠାରୁ ନୂଆଗାଁ କୁ ଦୂରତ୍ୱ ତିନି କିଲୋମିଟର। ଆଗରୁ ଏ ରାସ୍ତା ଭଲଥିଲା। ଯେବେଠାରୁ ଏ ବିଦ୍ୟାଳୟ ତିଆରି କାର୍ଯ୍ୟ ଆରମ୍ଭହେଲା ସେହି ଦିନଠାରୁ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ବଡ ବଡ ଗାଡି ଚଳପ୍ରଚଳ ଯୋଗୁ ରାସ୍ତା ଖାଲଢିପ ହୋଇଯାଇଛି। ରାସ୍ତା ସଙ୍କୁଚିତ ହେବା ସହିତ ପାଣି କାଦୁଅରେ ଚାଲିକି ଯିବା କଷ୍ଟକର ହୋଇଯାଇଛି। ଦୈନିକ ଦୁର୍ଘଟଣା ଘଟୁଛି। ବିଦ୍ୟାଳୟ କାମରେ ଯେତେ ସବୁ ମୋରମ୍, ମାଟିକୁ ଠିକାଦାର କଂଟ୍ରାକ୍ଟର ଓ ଇଞ୍ଜିନିୟର ମାନେ ରାସ୍ତା କଡରେ ପକାଇ ରାସ୍ତାକୁ ସଂକୀର୍ଣ୍ଣ କରି ବନ୍ଦ କରିଦେଇଛନ୍ତି। ଉକ୍ତ ବିଦ୍ୟାଳୟ ଭିତରେ ଚାଲିଛି ଅନେକ ଅସାମାଜିକ କାର୍ଯ୍ୟ। ବିଦ୍ୟାଳୟର ଦେଖାଶୁଣା କରୁଥିବା ଜଣେ ବେଙ୍ଗଲୀ ଏଚ.ଏସ.ସି.ଏଲ. ର ପ୍ରୋଜେକ୍ଟ ଇଂଜିନିୟର ଯାହାର ନାମ ଆଇ.ଡି.ପ୍ରସାଦ ସେ ରାସ୍ତା ମରାମତି ହେବ ହେବ କହି ତିନିବର୍ଷେ ହେଲାଣି ସ୍ଥାନୀୟ ଲୋକଙ୍କୁ ଠକି ଚାଲିଛନ୍ତି। ଆଜି ଉକ୍ତ ପଂଚାୟତର ଶହ ଶହ ଲୋକ ଆସି ବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାସ୍ତା କାମ ନକଲେ ସବୁଦିନ ପାଇଁ ବିଦ୍ୟାଳୟ କୁ ତାଲା ପକାଇବାକୁ ଚେତାବନୀ ଦେଇଥିଲେ। ଖବରପାଇ ସ୍ଥାନୀୟ ସାମ୍ବାଦିକ ଓ ଢେଙ୍କିକୋଟ ଫାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଂଚିଥିଲେ। ଏ ସଂକ୍ରାନ୍ତରେ କାର୍ଯ୍ୟଭାର ନେଇଥିବା ତ୍ରିବେଣୀ କମ୍ପାନୀର ଏମଡି ଙ୍କୁ ପଚାରିବାରୁ ସେ ସନ୍ତୋଷମୂଳକ ଉତର ଦେଇ ପାରି ନଥିଲେ। ଟେଣ୍ଡର ହୋଇଛି ଏବଂ ଆର.ଡି ବିଭାଗ କୁ ଦିଆଯାଇଛି ବୋଲି କହିଥିଲେ। ଅନ୍ୟ ଜଣେ ସାଇଡ ଇଞ୍ଜିନିଅର ପ୍ରିୟବ୍ରତ ଦାସ ଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ ରାଜ୍ୟ ସରକାର ଙ୍କୁ ଚିଠି ହୋଇଛି, ଜିଲ୍ଲାପାଳ ଙ୍କୁ ଜଣାଯାଇଛି, ବର୍ଷା ଦିନଗଲେ କାମ ହେବ। ତେବେ ନାନା ମୁନି ନାନା ମତ ଦେଇଥିଲେ। ଯ ଦ୍ୱାରା ଗ୍ରାମବାସୀ ଅଧିକ ଉତ୍ୟକ୍ତ ହୋଇଥିଲେ। ଉପସ୍ଥିତ ଥିବା ବେଙ୍ଗଲୀ ଇଞ୍ଜିନିୟର ସମାଧାନର ବାଟ ନ କରି ଓଲଟି ଉପସ୍ଥିତ ଲୋକ ମାନଙ୍କୁ ଖରାପ ବ୍ୟବହାର କରିଥିଲେ। ତେବେ ବର୍ତମାନ ଉକ୍ତ ରାସ୍ତା ପାଲଟି ଯାଇଛି ମରଣଯନ୍ତା। ଶେଷରେ ପୋଲିସ ସାମ୍ନାରେ ଏକ ଲିଖିତ ପ୍ରତିଶ୍ରୁତି ଦେଇଥିଲେ ଉକ୍ତ ବେଙ୍ଗଲୀ ଇଞ୍ଜିନିୟର। ଆସନ୍ତା ଏକ ମାସ ମଧ୍ୟରେ ରାସ୍ତା କାମ ସମ୍ପୂର୍ଣ୍ଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆଜିର ଏହି ଘେରାଉରେ ପଇଦାପାଟଣା ପୂର୍ବତନ ସରପଂଚ ସୁକାନ୍ତି ନାୟକଙ୍କ ସମେତ ଭାଗ୍ୟବତୀ ନାୟକ, ସୁଲୋଚନା ନାଏକ, ସେବତୀ ନାୟକ, ରଞ୍ଜିତା ନାୟକ, କୁଳମଣି ସିଂହ, ନବକିଶୋର ନାୟକ, ସୁବଳ ନାୟକ, ବିକି ପଣ୍ଡା, ଜଜାତି ପଣ୍ଡା, ନାଥ ନାୟକ, ରାଜ ନାୟକ, ପଦ୍ମାବତୀ ସିଂ ପ୍ରମୁଖ ଏକଶହ ରୁ ଅଧିକ ଲୋକ ଉପସ୍ଥିତ ଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ରାସ୍ତାକାମ ନ ସରିଲେ ଗ୍ରାମବାସୀ ଉକ୍ତ ବିଦ୍ୟାଳୟକୁ ସବୁଦିନ ପାଇଁ ତାଲା ପକାଇବା ସହିତ କର୍ମଚାରୀ ମାନଙ୍କୁ ବିଦ୍ୟାଳୟ ଭିତରକୁ ପଶିବାକୁ ଦେବେନାହିଁ ବୋଲି ଚେତାବନୀ ଦେଇଛନ୍ତି।

## ଅସହାୟ ପରିବାରକୁ ସହାୟତାର ହାତ ବଢାଇଲା ଭରସା ପରିବାର ଟ୍ରଷ୍ଟ

କେନ୍ଦୁଝର, ୯/୧୦(ନି/ପ୍ର): ଶୁଦ୍ଧିକ୍ରିୟା ପାଇଁ ଅସହାୟ ପରିବାରକୁ ସହାୟତାର ହାତ ବଢାଇଲା ଭରସା ପରିବାର ଟ୍ରଷ୍ଟ, କେନ୍ଦୁଝର। ଚମ୍ପୁଆ ବ୍ଲକ୍ ସୁନାପଶି ପଂଚାୟତ ଅନ୍ତର୍ଗତ ବାଙ୍କ ଗ୍ରାମର ଲଳିତ ଲୋହାର ଗ୍ୟାସରେ ରୋଷେଇ କରୁଥିବା ସମୟରେ ଅତ୍ୟଧିକ ଗ୍ୟାସ ଛାଡିବା ଫଳରେ ହାତ, ଗୋଡ଼, ମୁହଁ, ପିଠି ଆଦି ପୋଡି ଯାଇଥିଲା। ତାଙ୍କୁ ଉଦ୍ଧାର କରି ପଡୋଶୀ ସୁରେଶ ଚନ୍ଦ୍ର ଲୋହାର ୧୦୮ ଆମ୍ବୁଲାନ୍ସ ଯୋଗେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତି କରିଥିଲେ। ଛଅ ଦିନ ଧରି ଡାକ୍ତରଖାନାରେ ଚିକିତ୍ସା ହେବା ପରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ଲଳିତଙ୍କର ପରିବାରରେ ନିଜର କେହି ନ ଥିବାବେଳେ ପଡୋଶୀ ସୁରେଶଙ୍କ ମଧ୍ୟ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ ସେ ଲଳିତଙ୍କ ମୃତ୍ୟୁ ପରେ ଶୁଦ୍ଧିକ୍ରିୟା କରିବାକୁ ଅସମର୍ଥ ହୋଇପଡିଥିଲେ। ଫଳରେ ଲଳିତଙ୍କର ଶୁଦ୍ଧିକ୍ରିୟା ପାଇଁ ସୁରେଶ ଭରସା ପରିବାର ଟ୍ରଷ୍ଟ ପକ୍ଷରୁ ସହାୟତା ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ତାଙ୍କ ଅନୁରୋଧ ରକ୍ଷା କରି ଭରସା ପରିବାରର ଉପଦେଷ୍ଟା ଦୁଷ୍ମନ୍ତ କୁମାର ବେହେରାଙ୍କ ସହିତ ସଦସ୍ୟ ଶରତ ଖୋଲାର ତାଙ୍କ ବାସଭବନରେ ଯାଇ ଶୁଦ୍ଧିକ୍ରିୟା ପାଇଁ ଆବଶ୍ୟକ ସାମଗ୍ରୀ ସହାୟତା ପ୍ରଦାନ କରିଛନ୍ତି। ଭରସା ପରିବାରର ଏତାଦୃଶ୍ୟ କାର୍ଯ୍ୟ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ତାଙ୍କୁ ସାଧୁବାଦ ଜ୍ଞାପନ କରାଯାଇଛି।

## କେନ୍ଦୁଝରଗଡ ପୁରୁଣା ସହର ବୈଦରାଜ ସାହିରେ ମୁକ୍ତେଶ୍ୱର ମନ୍ଦିରରେ ମା'ଲକ୍ଷ୍ମୀଙ୍କ ପୂଜା



କେନ୍ଦୁଝର,୯/୧୦(ନି/ପ୍ର): କେନ୍ଦୁଝରଗଡ ପୁରୁଣା ସହର ନିକଟସ୍ଥ ବୈଦରାଜ ସାହିରେ ଥିବା ଶ୍ରୀ ମୁକ୍ତେଶ୍ୱର ମନ୍ଦିରରେ ପ୍ରତିବର୍ଷ ପରି ଚଳିତ ବର୍ଷ ମା'ଲକ୍ଷ୍ମୀଙ୍କର ପୂଜା ଆରାଧନା ଅତି ଭକ୍ତି ଓ ନିଷ୍ଠାର ସହିତ ପାଳନ କରାଯାଇଛି। ବ୍ରାହ୍ମଣ ମାନଙ୍କ ଦ୍ୱାରା ମା'ଲକ୍ଷ୍ମୀଙ୍କର ପୂଜା ଅନୁଷ୍ଠିତ ହୋଇଛି। ଗତକାଲି କଳସ ପୂଜନ କାର୍ଯ୍ୟ ସରିଲା ପରେ, ଆଜି ସମସ୍ତ ଭକ୍ତଙ୍କ ପାଇଁ ମାଙ୍କର ଖେଚୁଡ଼ି ଡାଲମା ପ୍ରସାଦର ବ୍ୟବସ୍ଥା କରାଯାଇଥିଲା। କେନ୍ଦୁଝର ଗଡ଼ ପୁରୁଣା ସହରର ସମାଜସେବି ତଥା ବରିଷ୍ଠ ନାଗ ନାଗରିକ ବୀରେନ୍ଦ୍ର କୁମାର ପଟ୍ଟନାୟକ ଏବଂ ତାଙ୍କ ସହଧର୍ମିଣୀ ଶିକ୍ଷାବିତ ମନୋଜ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ମା'ଲକ୍ଷ୍ମୀଙ୍କର ପୂଜା ଅନୁଷ୍ଠିତ ହୋଇଥିଲା। ତାଙ୍କର ସୁଯୋଗ୍ୟ ପୁତ୍ର ଦେବୀପ୍ରସାଦ ପଟ୍ଟନାୟକ ଏବଂ ପୁତ୍ରବଧୂ ସ୍ୱୟଂଶୀଧା ପଟ୍ଟନାୟକ ସଂକଳ୍ପରେ ବସିଥିଲେ। ଶତାଧିକ ଭକ୍ତଙ୍କ ନିମନ୍ତେ ପ୍ରସାଦ ବିତରଣ କରାଯାଇଥିଲା ଏବଂ ଆନନ୍ଦରେ ସମସ୍ତ ଶ୍ରଦ୍ଧାଳୁମାନେ ପ୍ରସାଦ ସେବନ କରିଥିଲେ।

## ଗ୍ରାମ୍ୟ ରାସ୍ତା ଶୋଚନୀୟ : ଯିବା ଆସିବାରେ ବାଧା

ଘଟଗାଁ, ୯/୧୦(ନିପ୍ର) :ସ୍ଥାନୀୟ ବ୍ଲକ - ତରାଗ୍ରାମପଂଚାୟତ ଅଧିନସ୍ଥ ମନତାଏବଂ ବେଢାପାଳ ଗ୍ରାମକୁ ପଂଚାୟତ ଠାରୁ ସଂଯୋଗ କରିଥିବା ୨ କିଲୋମିଟର ମାଟି ରାସ୍ତା ପୁନଃ ନିର୍ମାଣ କିମ୍ୱା ମରା ମତି ବର୍ଷ ବର୍ଷଧରି ହେଉନଥିବାରୁ ଅତି ଶୋଚନୀୟ ହୋଇ ପଡିଛି। ଫଳରେ ଦୁଇ ଗ୍ରାମର ଅଧିବାସୀ ଓ ଉକ୍ତ ରାସ୍ତାରେ ନିର୍ଭର କୁରୁଥିବା ଲୋକ ଓ ଜାନ ବାହାନଯିବା ଆସିବାରେ ବାଧା ସୃଷ୍ଟି ହୋଇଛି। ରାସ୍ତାଟି ଏପରି ଖାଲ ଖମାରେ ପୂର୍ଣ୍ଣ ହୋଇଛି ଯେ ଖରା ଦିନରେ ଯିବା ଆସିବାରେ ବାଧକ ସାଜି ଥାଏ। ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେଇ ରାସ୍ତା ନିର୍ମାଣ ପାଇଁ ଗ୍ରାମ ବାସୀ ଦାବୀ କରିଛନ୍ତି।

## ମହାବଳ ପାଇଁ ସାତକୋଶିଆ ପ୍ରସ୍ତୁତ :ସରକାରଙ୍କ ସବୁଜ ସଂକେତକୁ ଅପେକ୍ଷା !



ଅନୁଗୁଳ,୯/୧୦(ନି/ପ୍ର): ସାତକୋଶିଆରେ ପୁଣି ଶୁଭିବ ମହାବଳର ଗର୍ଜନ। ଘଟଂ ଜଙ୍ଗଲରେ ବୁଲିବେ ଏକାଧିକ ମହାବଳ ବାଘ। ଏଥିପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇଗଲାଣି। କେବଳ ସରକାରଙ୍କ ସବୁଜ ସଙ୍କେତକୁ ଅପେକ୍ଷା। ସରକାରଙ୍କ ଅନୁମତି ମିଳିଲେ ବାହାର ରାଜ୍ୟରୁ ବାଘ ଆଣି ଏଠାରେ ଛାଡ଼ିବାକୁ ବନ ବିଭାଗ ଯୋଜନା କରିଛି। ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ଏବେ ବାଘଶୂନ୍ୟ। ଏଠାରେ ବାଘବଂଶ ବୃଦ୍ଧି କରିବା ପାଇଁ ବନ ବିଭାଗ କ୍ଷେତ୍ର ପ୍ରସ୍ତୁତ କରୁଛି। ଆଗରୁ ଏହି ପ୍ରକଳ୍ପ ବିଫଳ ହୋଇଥିବାରୁ ଏଥର ବିଭାଗ ଅଧିକ ଯତ୍ନବାନ ରହିଛି। ବିଶେଷକରି ଜଙ୍ଗଲର କୋର ଅଂଚଳ ଭିତରେ ରହିଥିବା ଗାଁଗୁଡ଼ିକୁ ହଟାଇବାକୁ ନିଷ୍ପତ୍ତି ହୋଇଛି। ଏ ଭିତରେ ରାଇଗୁଡ଼ା, କଟରଙ୍ଗ, ଟୁଲୁକା, ଅସନବାହାଳ ଓ ଭୁରୁକୁଣ୍ଡି ଗାଁ ସମ୍ପୂର୍ଣ୍ଣ ବିସ୍ଥାପିତ ହୋଇଛି। ଏହି ଗାଁଗୁଡ଼ିକୁ ଜଙ୍ଗଲରେ ମିଶାଇ ଦିଆଯାଇଛି। ଟିକରପଡ଼ା, ପୁରୁଣାକୋଟ୍ ଓ ଗୋପାଳପୁର ଗାଁକୁ ବିସ୍ଥାପିତ କରିବା ନେଇ ପ୍ରକ୍ରିୟା ଚାଲିଛି। ଏପଟେ ସ୍ୱେଚ୍ଛାକୃତ ବିସ୍ଥାପନ ପାଇଁ ଛୋଟକେଇ, ମଝିପଡ଼ା ଓ କରଡ଼ାପଡ଼ା ଗାଁରୁ ଆବେଦନ ଆସିଛି। ଏଣୁ ଆଉ କିଛି ମାସ ଭିତରେ ଏହି ଗାଁ ସବୁ ଜଙ୍ଗଲରେ ମିଶିଯିବାର ସମ୍ଭାବନା ସୃଷ୍ଟି ହେଉଛି। ଫଳରେ ଜଙ୍ଗଲ ଭିତରେ ଆଉ ହାତଗଣତି ଗାଁ ରହିଯିବ। ଗଇଁଦି, ବେହେରାସାହି, ବଡ଼କ୍ଷେତା, ସାଲୁର ଓ ତରଭା ଗାଁ କେବଳ ପ୍ରକଳ୍ପର ବଫର ଅଂଚଳ ଭିତରେ ରହିବ। ତେବେ ଏହା ବିଶେଷ ସମସ୍ୟା କରିବନି ବୋଲି ବନ ବିଭାଗ ଆଶା ରଖିଛି। ଏହା ସହ ବାଘ ଯେମିତି ଜଙ୍ଗଲ ଛାଡ଼ି ଜନବସତି ମୁହାଁ ନ ହେବ ତା'କୁ ଗୁରୁତ୍ୱ ଦିଆଯାଉଛି। ଜଙ୍ଗଲରେ ଆବଶ୍ୟକ ଖାଦ୍ୟ ମିଳିଲେ, ବାଘ ଜଙ୍ଗଲ ଛାଡ଼ି ବାହାରକୁ ଯିବନି। ଏହାକୁ ଦୃଷ୍ଟିରେ ରଖି ଅଧିକ ଚାରଣ ଭୂମି ପ୍ରସ୍ତୁତ କରାଯାଇଛି। ଫଳରେ ତୃଣଭୋଜି ପ୍ରାଣୀମାନଙ୍କ ସଂଖ୍ୟା ବଢ଼ିଛି। ଜଙ୍ଗଲ ଭିତରେ ଜନବସତି ନ ଥିବାରୁ ଗୋଟିଏ ଅଂଚଳରୁ ଆଉ ଗୋଟିଏ ଅଂଚଳକୁ ବିନା ବାଧାରେ ଯାଇ ପାରିବ। ମହାବଳ ପାଇଁ କ୍ଷେତ୍ର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଚିଂଥିବାରୁ ଯେ କୌଣସି ସମୟରେ ଏଠାରେ ବାଘ ଛଡ଼ା ଯାଇପାରେ। ରାଜ୍ୟ ବାହାରୁ ପାଖାପାଖି ୧୨ଟି ବାଘ ଏଠାରେ ଛାଡ଼ିବାକୁ ଯୋଜନା ହୋଇଛି। ତେବେ ପର୍ଯ୍ୟାୟକ୍ରମେ ଏହି ବାଘ ଆସିବ। ଏନେଇ ଉଚ୍ଚ ଅଧିକାରୀ ସ୍ତରରେ ଆଲୋଚନା ଚାଲିଛି। ଏ ନେଇ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ. ସଂଜୟ କୁମାର ସ୍ୱାଇଁ କହିଛନ୍ତି, ସାତକୋଶିଆ କୋର ଅଂଚଳରୁ ଗାଁଗୁଡ଼ିକ ଉଠି ସାରିଲାଣି। ବଫର ଅଂଚଳରୁ ଆଉ କିଛି ଗାଁ ଉଠିବା ପାଇଁ ସହମତି ପ୍ରଦାନ କରିଛନ୍ତି। ସରକାରୀ ନିୟମ ଅନୁସାରେ ଏହି ବିସ୍ଥାପନ ପ୍ରକ୍ରିୟା ଚାଲିଛି। ଏବେ ମହାବଳ ଛାଡ଼ିବା ପାଇଁ ସାତକୋଶିଆ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ରହିଛି। ବାଘ ରହିବା ପାଇଁ ଯେମିତି କିଛି ଅସୁବିଧା ହେବନି ସେ ?ନେଇ ବ୍ୟବସ୍ଥା କରାଯାଇଛି। ସରକାର ଏ ନେଇ ନିଷ୍ପତି ନେଲେ ଏଠାରେ ବାଘ ଛଡ଼ାଯିବ ବୋଲି ସେ କହିଛନ୍ତି।

## କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କର ବାର୍ଷିକ ସାଧାରଣ ସଭା :




କେନ୍ଦୁଝର,୯/୧୦(ନି/ପ୍ର) :କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କର ୭୧ତମ ବାର୍ଷିକ ସାଧାରଣ ସଭା ବ୍ୟାଙ୍କ ସଭାପତି ଶ୍ରୀଯୁକ୍ତ କାନନ ବିହାରୀ ପହିଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଅଛି। ସଭାପତି ଶ୍ରୀ ପହି ୧୯୫୦ ମସିହାରୁ ଆରମ୍ଭ ହୋଇଥିବା ଏହି ବ୍ୟାଙ୍କ ଭାବରେ ସଫଳତା ଲାଭ କରି ରାଜ୍ୟରେ ଅଗ୍ରଣୀ ବ୍ୟାଙ୍କ ଭାବରେ ସଫଳତା ଲାଭ କରିଅଛି ତାହା ସହିତ ବ୍ୟାଙ୍କ ୭୫ ପଦାର୍ପଣ କରିଅଛି ଏବଂ ଏହି ପରିପ୍ରେକ୍ଷୀରେ ଚଳିତ ବର୍ଷ ବ୍ୟାଙ୍କ ଚକ୍ଷବସ୍ତ୍ରସଭଙ୍କଙ୍କ ଔଙ୍କଭସକ୍ଷରର ପାଳନ କରିବା ନିମନ୍ତେ ଶ୍ରୀ ପହି ସମସ୍ତଙ୍କ ସହଯୋଗ କାମନା କରିଥିଲେ। ତା ୩୧.୦୩.୨୦୨୫ ରିଖ ସୁଦ୍ଧା ବ୍ୟାଙ୍କର ଅଂଶୋଧନ ୭୧୮୬ ଲକ୍ଷ ଟଙ୍କା ଜମା ୭୭୦୭୫ ଲକ୍ଷ ଟଙ୍କା, କାର୍ଯ୍ୟକାରୀ ମୂଳଧନ ୧୪୯୬୨୦ ଲକ୍ଷ ଟଙ୍କା, ନିଜସ୍ୱ ପାଣ୍ଠି ୧୧୦୦୫ ଲକ୍ଷ ଟଙ୍କା ଥିବାବେଳେ ଚଳିତ ବର୍ଷ ନେଟ୍ ପ୍ରଫିଟ ୩୧୨.୩୫ ଲକ୍ଷ ଟଙ୍କା ହୋଇଛି, ତତ୍ ଅନୁଯାୟୀ ସମସ୍ତ ପୃଷ୍ଟପୋଷକ ମାନଙ୍କୁ ଲାଭାଂଶ ବ[ନ କରାଯାଇଅଛି ବୋଲି ପ୍ରକାଶ କରିଅଛି। ଜମା ଅନୁପାତରେ ଅନୁଯାୟୀ ଚାଷୀଙ୍କୁ ୫୬୨୮୯ ଲକ୍ଷ ଟଙ୍କା ଋଣ ଦିଆଯାଇଛି। ଅପରପକ୍ଷରେ ରାଜ୍ୟ ସମବାୟ ବ୍ୟାଙ୍କ୍ ମାଧ୍ୟମରେ ନାବାର୍ଡ ଠାରୁ ୪୦୦୮୬ ଲକ୍ଷ ଟଙ୍କା ଋଣ ଗ୍ରହଣ କରିଛନ୍ତି। ରାଜ୍ୟ ସମବାୟ ବ୍ୟାଙ୍କ୍, ଅନ୍ୟାନ୍ୟ ବ୍ୟବସାୟିକ ବ୍ୟାଙ୍କ୍ ସରକାରୀ ବଣ୍ଡରେ ମୋଟ ୭୪୯୭୬ ଲକ୍ଷ ଟଙ୍କା ଗଛିତ ଅଛି ବୋଲି ସଭାପତି କରିଛନ୍ତି। ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ପ୍ରମୋଦ କୁମାର ଦାସ ଆର୍ଥିକ ବର୍ଷ ୨୦୨୪-୨୫ ବିବରଣୀ ପଠନ କରିଥିଲେ ବୈଠକରେ ଅନ୍ୟାନ୍ୟ ଅତିଥି ତଥା କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କର ଉପସଭାପତି ରଶ୍ମିରେଖା ଚକ୍ର, ନିର୍ଦ୍ଦେଶକ ଦେବପ୍ରିୟ ପତ୍ର, ସମବାୟ ୟୁନିଟ ସଭାପତି ଅଟଳ ବିହାରୀ ଶତପଥୀ, ଡିଡିଏମ କୁରେଶ କୁମାର ନାୟକ ଜିଲ୍ଲା ମୁଖ୍ୟ ପ୍ରାଣୀ ଅଧିକାରୀ ଶ୍ରୀଯୁକ୍ତ ରଥ ଏବଂ ବ୍ୟାଙ୍କର ଉପଦେଷ୍ଟା ଶ୍ରୀଯୁକ୍ତ ଅମର ବର ଖଟୁଆ ପ୍ରମୁଖ ଉଦବୋଧନ ହୋଇଥିବା ବେଳେ ସଭାକୁ ବରିଷ୍ଠ ସମବାୟବିତ ଦେବାଶିଷ ମିଶ୍ର ଏବଂ ବ୍ୟାଙ୍କର ପରିଚାଳକ ଆଲୋକ ବଳ ମଚଂ ପରିଚାଳନା କରିଥିଲେ ଏବଂ ବ୍ୟାଙ୍କର ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ଲ୍ୟାମ୍ପସ ଓ ପ୍ୟାକ୍ସ ସଭାପତି ଓ ସଦସ୍ୟମାନେ ମତାମତ ଉପସ୍ଥାପନା କରିଥିଲେ।

## ଦେଶୀ ମଦ ଚାଲାଣ ବେଳେ ଚଢ଼ାଉ, ୨ ଗିରଫ

ଜୟପୁର,୯/୧୦(ନି/ପ୍ର): - ଦେଶି ମଦ ଚାଲାଣ ସୁଚନା ପାଇ ଅବକାରି ସେଟଲାଇଟ ବିଭାଗ ଚଢାଉ କରି ୨ ଅଭିଯୁକ୍ତକୁ ଗିରଫ କରିଛି। ପୁରୁଣା ଗଡର ଜଣେ ମହିଳା ସହ ପୁଟ୍ରା ଗ୍ରାମର କୈଳାଶ ଭୁମିଆକୁ ଗିରଫ କରିଛି। ସୂଚନା ଅନୁଯାଇ ଦେଶି ମଦ ଚାଲାଣ ସୁଚନ ପାଇ ଜୟପୁର ଅବକାରି ସେଟଲାଇଟ ଟିମ ପୁଟ୍ରା ଓ ପୁରୁଣାଗଡ ରାସ୍ତାରେ ଚଢାଉ କରି ୪୫ ଲିଟରେ ଦଶି ମଦ ଜବତ କରିଛି। ଗିରଫ ଦୁଇ ଅଭିଯୁକ୍ତ କୁ ଆଜି ସନ୍ଧ୍ୟା ୫ଟାରେ କୋର୍ଟ ଚାଲାଣ କରାଯାଇଥିବା ବିଷୟ ବିଭାଗ ତରଫରୁ ସୁଚନା ଦିଆଯାଇଛି।

## ସଡଙ୍ଗବାହାଳି ଜଙ୍ଗଲରେ ୪ ଦନ୍ତା ହାତୀ



ପାଟଣା,୯/୧୦(ନି/ପ୍ର) :ପାଟଣା ବନାଂଚଳ ଅନ୍ତର୍ଗତ ସଡଙ୍ଗବାହାଳି ଜଙ୍ଗଲରେ ୪ ଟି ଦନ୍ତା ହାତୀଙ୍କୁ ଠାବ କରାଯାଇଛି। ଏହି ଦନ୍ତା ଡାଳପକା ରୁ ବୈତରଣୀ ପାର ହୋଇ ଏରେଣ୍ଡେଇ , ବେଗୁନାଖମଣ, କୁମୁଳାବାହାଳି ,ଚିନାମାଳିପଶି ହୋଇ ସକାଳୁ ସକାଳୁ ସଡଙ୍ଗବାହାଳି ରେ ପହଚିଂଛନ୍ତି। ଦୀର୍ଘ ରାସ୍ତା ଅତିକ୍ରମ ସମୟରେ କେବଳ ଧାନ ଫସଲ ଛଡା ସେମାନେ ଅନ୍ୟ କିଛି କ୍ଷତି କରି ନାହାନ୍ତି। ତେବେ ପାଖ ଜଙ୍ଗଲରେ ଏହି ହାତୀ ପଲ ଥିବାରୁ ଆଜି ଡୁମୁରିଆ ପଲାଶଘାଟି ଓ ଚିନାମାଳିପଶି ଆଦି ପଚାଂୟତର ବିଭିନ୍ନ ଗ୍ରାମବାସୀଙ୍କୁ ଦନ୍ତା ଭୟ ଥିବାରୁ ଲୋକେ ସତର୍କ ଥିବା ଜଣାପଡିଛି। ଏହି ହାତୀପଲ ଙ୍କ ଉପରେ ତଣ୍ଡୋ ବିଟ ବନରକ୍ଷୀ ଦେବଜାନୀ ମହାନ୍ତ ଓ ଗଜ ସାଥୀମାନେ ନଜର ରଖିଥିବା ଜଣାପଡିଛି।

## ଧାମନଗର ପଂଚାୟତ ସମିତି ଗୃହରେ ବ୍ଲକସ୍ତରୀୟ ଜନ ଶୁଣାଣି ଶିବିର

ଭଦ୍ରକ,୯/୧୦(ନି/ପ୍ର): ଭଦ୍ରକ ଜିଲା ଧାମନଗର ପଂଚାୟତ ସମିତି ସମ୍ମିଳନୀ କକ୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନି ଓ ପଂଚଦଶ ଅର୍ଥ କମିଶନ ଯୋଜନା ଓ ସାମାଜିକ ସମୀକ୍ଷା ସମ୍ପର୍କିତ ବ୍ଲକ ସ୍ତରୀୟ ଜନ ଶୁଣାଣୀ ଶିବିର ବୁଧବାର ଦିନ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମ ରେ ଭଦ୍ରକ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦୁ ସାମଲ,ପଂଚୟତ ସମିତି ଅଧକ୍ଷା ଶର୍ମିଷ୍ଠା ବେହେରା, ବିଡ଼ିଓ ବନ ବିହାରୀ ଦିନ୍ଧା,ଉପାଧକ୍ଷ ଜଗବନ୍ଧୁ ପ୍ରଧାନ, ବ୍ଲକ ସାମାଜିକ ସମୀକ୍ଷା ସଂଯୋଜକ ଜଗନ୍ନାଥ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏପିଓ ପୀୟୁଷ ରଞ୍ଜନ ରାଉତ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ଚଳିତ ଆର୍ଥିକ ବର୍ଷରେ ଧାମନଗର ପଂଚାୟତ ସମିତି ତରଫରୁ କାର୍ଯ୍ୟକାରୀ ହୋଇଥିବା ସମସ୍ତ କାର୍ଯ୍ୟ ର ସାମାଜିକ ସମୀକ୍ଷା ରୁ ଆସିଥିବା ଅର୍ଥ ଓ ତାର ଖର୍ଚ୍ଚର ଆଲୋଚନା କରଜାଇ ଥିଲା। ହୋଇଥିବା କାର୍ଯ୍ୟ ର ତ୍ରୁଟି ଓ ଆର୍ଥିକ ଅନିୟମିତତା କୁସାମାଜିକ ସଂଯୋଜକ ଶ୍ରୀ ପଣ୍ଡା ସୂଚନା ପ୍ରଦାନ କରିଥିଲେ। କିଛି ମୃତ ବ୍ୟକ୍ତିଙ୍କ ନାମରେ ସେମାନଙ୍କର ପରିବାର ଲୋକେ ଚାଉଳ ନେଉଥିବାର ପରିଲିକ୍ଷିତ ହୋଇଥିଲା ଏବଂ ଏହା ବାବଦରେ ଯୋଗାଣ ଅଧିକାରି ଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଥିଲା। ପଂଚଦଶ ଅର୍ଥ ଆୟୋଗ ରେ କିଛି ପଂଚାୟତ ରେ କାର୍ଯ୍ୟ ର ତାଳ ମେଳ ରହି ନଥିଲା ଓ କାର୍ଯ୍ୟ ନିକଟରେ ସୂଚନା ଫଳକ ନଥିଲା ବୋଲି ଅଭିଯୋଗ ହୋଇ ଥିଲା।

ଉତ୍କଳ ସମାଚାର

# ସମ୍ପାଦକୀୟ...

## ଶୁକ୍ରବାର ୧୦ ଅକ୍ଟୋବର ୨୦୨୫

## ମାଓମୁକ୍ତ ହେବ ଭାରତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କେବଳ ପୃଥିବୀର ସର୍ବବୃହତ ଲୋକତନ୍ତ୍ରର ସର୍ବୋଚ୍ଚ ନେତା ନୁହଁନ୍ତି ସେ ତାଙ୍କ କାର୍ଯ୍ୟଶୈଳୀରେ ଶାସନ ପଦ୍ଧତିରେ ଦେଶବାସୀଙ୍କୁ ଯୋଡିବାର ଦକ୍ଷତାରେ ମଧ୍ୟ ବେଶ ନିପୁଣ । ସେ ତାଙ୍କର ବାର୍ତ୍ତାରେ ଦେଶବାସୀଙ୍କ ପାଇଁ ସର୍ବଦା ଲକ୍ଷ୍ୟପ୍ରାପ୍ତି ହେବାପାଇଁ ଉତ୍ସାହିତ କରିଥାନ୍ତି । ତାଙ୍କର ସେଭଳି ପ୍ରେରଣାଦାୟୀ ତଥା ଲୋକପ୍ରିୟ ଶବ୍ଦ ମଧ୍ୟରୁ 'ସଂକଳ୍ପରୁ ସିଦ୍ଧି' ବେଶ ହୃଦୟସ୍ପର୍ଶୀ ତଥା ପ୍ରଭାବୀ । ଭାରତର ବିକାଶରେ ଅନ୍ୟତମ ବାଧା ସୃଷ୍ଟି କରିଥିବା ମାଓବାଦର ଜଡକୁ ଉପାଡି ଫିଙ୍ଗିବା ପାଇଁ ଚିନ୍ତା କରିବା ସେତିକି କଳ୍ପନାଅତୀତ ଥିଲା ଦିନେ କାଶ୍ମୀରରୁ ଧାରା ୩୭୦କୁ ଉଚ୍ଛେଦ କରିବା ଯେତିକି ଅସମ୍ଭବ ମନେ ହେଉଥିଲା ବା ତିନି ତଲାକ ପ୍ରଥାର ଉଚ୍ଛେଦ, ସିଏଏର ପ୍ରଣୟନ, ଏନଆରସି , ୟୁନିଫର୍ମ ସିଭିଲ କୋର୍ଡ ବା ଅଯୋଧ୍ୟାରେ ରାମଲାଲାଙ୍କ ଭବ୍ୟ ମନ୍ଦିର ନିର୍ମାଣ । ଏ ସବୁ ସେହି ସଂକଳ୍ପରୁ ସିଦ୍ଧି ମନ୍ତ୍ରରେ ସମ୍ଭବ ହୋଇଛି । ଏହାକୁ କୌଣସି ବ୍ୟକ୍ତି ଏକାକୀ କରିନାହିଁ ବରଂ ଦେଶର କାର୍ଯ୍ୟପନ୍ଥା ଓ ଦୃଢ ନୀତିନିର୍ଦ୍ଧୟର ନୂତନ ପରମ୍ପରାରୁ ଏକ ସାମୁହିକ ରାଷ୍ଟ୍ରବାଦରୁ ସ୍ଵତଃ ସୃଷ୍ଟି ହେଉଥିବା ଅବିନାଶୀ ଉର୍ଜ୍ଜାରୁ ସମ୍ଭବ ହୋଇପାରିଛି । ଦେଶ ସ୍ଵାଧୀନ ପରଠାରୁ ଗୋଟିଏ ପଟେ ଗାନ୍ଧୀ ନେହରୁ ଗୋରା ଚାଲିଗଲା ପରେ ଏବେ ଆମ ପାଳି ଭାବି ଦେଶକୁ ନିଜର ବ୍ୟକ୍ତିଗତ ସମ୍ପତି ଭାବେ ମନେ କରି ଚଳୁକରିବାର ପରମ୍ପରା ଅଘୋଷିତ ଭାବେ ସ୍ଥାପିତ କରିଥିଲେ । ଏହି ଆପେ ବଚିଂଲେ ବାପାର ନାଁ ନୀତି ଆମ ଶାସନ ବ୍ୟବସ୍ଥାକୁ ଏତେ କଳୁଷିତ କରିଦେଲା ଯେ, ଦେଶର ସମ୍ପତ୍ତିକୁ ଅଧିକାରୀ ନେତା ଓ ଅସାଧୁ ବେପାରୀ ମିଳିତ ଭାବେ ସର୍ବସ୍ଵ ଲୁଟିନେଲେ । ତେବେ ଅନ୍ୟପଟେ ସମଗ୍ର ଦେଶ ସ୍ଵାଧୀନତା ପୂର୍ବରୁ ପରାଧୀନତାକୁ ମୁକ୍ତିର ଗୋଟିଏ ମନ୍ତ୍ର କଂଗ୍ରେସର ଛତା ତଳେ ଏକହୋଇ ଜପୁଥିବାରୁ ସେଭଳି ସଶକ୍ତ ବିରୋଧୀ ଦେଶ ସ୍ଵାଧୀନ ସମୟରେ ନଥିଲେ । ବ୍ରିଟିଶରଙ୍କ ଦ୍ଵାରା ବାଟଂ ଓ ଶାସନ କର ଯୋଜନା ସ୍ଵରୂପ ଦେଶ ସ୍ଵାଧୀନ ହେବା ପୂର୍ବରୁ ଏହାକୁ ହିନ୍ଦୁ ଓ ମୁସଲିମ ଭାବେ ଦୁଇଭାଗ କରି ତିନି ଖଣ୍ଡ କରିବାରେ ସେମାନେ ସଫଳ ହୋଇଥିଲେ । ତେବେ ପାକିସ୍ତାନ ଗଠନ ପଛରେ ଥିବା ମୁସଲିମ ଲିଗ ପରେ ଏହାର ଅସ୍ତିତ୍ଵ ହରାଇଥିବାରୁ ପରବର୍ତୀ ପର୍ଯ୍ୟାୟରେ ଭାରତବିରୋଧୀ ତତ୍ଵମାନେ ବାମପନ୍ଥୀ ବିଚାରଧାରାରେ ନିଜ ନିଜର କାୟା ବିସ୍ତାର କରିଚାଲିଲେ । କଂଗ୍ରେସ ସରକାର ନିଜର ଗାଦି ବଂଚାଇବାରେ ଲାଗିଥିଲା ଓ ଅପରପକ୍ଷରେ ଦେଶର ବଡବଡ ପଦପଦବୀକୁ ବାମପନ୍ଥୀ ବୁଦ୍ଧିଜୀବୀମାନେ ମାଡିବସିଥିଲେ । ସେମାନଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ଦେଶବିରୋଧୀ ତନ୍ତ୍ରକୁ କଂଗ୍ରେସ ସରକାର ଜାଣିଶୁଣି ଅଣଦେଖା କରିଚାଲିଥିଲା । ଯାହାର ଫଳସ୍ଵରୂପ ପରବର୍ତୀ ପର୍ଯ୍ୟାୟରେ ଆଜକୁ ଠିକ ଦୁଇ ଦଶକ ତଳେ ଆଦିବାସୀମାନଙ୍କ ସ୍ଵାର୍ଥ ନାମରେ ବିହାରଝାଡଖଣ୍ଡ ଅଚଂଳର ମାର୍କ୍ସଷ୍ଟ କମ୍ୟୁନିଷ୍ଟ ସେଟଂର ବା ଏମସିସି ଓ ପିପୁଲ୍ସ ୱାର ଗ୍ରୁପ ବା ପିଡବ୍ଲୁଜି ପରସ୍ପରସହ ହାତମିଳାଇ ମାଓଇଷ୍ଟ କମ୍ୟୁନିଷ୍ଟ ନାମରେ ଉନ୍ମାଦ ଓ ହିଂସାର ମାଓବାଦର ନୂଆ ଆଧାର ସୃଷ୍ଟି କଲେ । ତେବେ ଦିନକୁ ଦିନ ଏହା ଦେଶପାଇଁ ସବୁଠାରୁ ବଡ ଆଭ୍ୟନ୍ତରୀଣ ସମସ୍ୟା ସୃଷ୍ଟି କରିଥିଲା । ଏକଦା ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ କହିଥିଲେ ଯେ, ଦେଶପାଇଁ ସବୁଠାରୁ ବଡ ବିପଦ ମାଓବାଦରୁ ହିଁ ଅଛି । ତେବେ ମାଓବାଦ ଉପରେ ବିଗତ ସରକାରମାନ ମଧ୍ୟ ସଶକ୍ତ ଥିଲେ । ଉପା ସରକାର ସମୟରେ ଯେତେବେଳେ ୨୦୦୯-୧୦ ସମୟରେ ଦେଶରେ ମାଓବାଦ ଚରମରେ ଥିଲା ସେତେବେଳେ ଏହାକୁ ଦମନ କରାଯିବା ପାଇଁ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଯୋଜନା କରିଥିଲେ । କିନ୍ତୁ ଅତ୍ୟନ୍ତ ନିଷ୍ଠାପୂର୍ବକ ଅନେକ କାର୍ଯ୍ୟକ୍ରମ ହୋଇଥିଲେ ମଧ୍ୟ ସାପକୁ ତା ଗାତରୁ କାଢିବା ପାଇଁ ଅତି ଗମ୍ଭୀରତାର ସହ କାର୍ଯ୍ୟ କରିଥିଲେ । ୨୦୧୪-୧୫ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ଵରେ ପ୍ରଥମରୁ ବିନା ଫୁରସତରେ ଦେଶପାଇଁ କିଛି କାର୍ଯ୍ୟ କରିବାର ପ୍ରବଳ ଆଗ୍ରହ ଥିଲା । ମାଓବାଦକୁ ଦମନ କରିବାକୁ ମୋଦୀ ସରକାର ଅନ୍ୟତମ ମୌଳିକ ଲକ୍ଷ୍ୟ ଭାବେ ସ୍ଥିର କରିଥିଲେ ଓ ୨୦୧୫ରେ ନ୍ୟୁ ଆକ୍ସନ ପ୍ଲାନ ପ୍ରସ୍ତୁତ ହେଲା ଦେଶର ସ୍ଵରାଷ୍ଟ୍ରମନ୍ତ୍ରୀ ଆମୀତ ସାହା ବିଗତ ଦିନମାନଙ୍କରେ ତାଙ୍କ ଶାସନ କାଳରେ କିପରି ଭାବେ ମାଓବାଦକୁ ଦୃଢ ହସ୍ତରେ ଦମନ କରାଯାଇଛି ତାହାର ତଥ୍ୟ ରଖିଥିଲେ । ୨୦୨୬ ଶେଷସୁଦ୍ଧା ଭାରତ ସରକାର ସମଗ୍ର ଦେଶରୁ ମାଓବାଦକୁ ମୂଳୋତ୍ପାଟନ କରିବାର ଲକ୍ଷ୍ୟ ରଖିଛନ୍ତି । ଏହି କ୍ରମରେ ୨୦୨୨ରେ ମାଓ କାର୍ଯ୍ୟକଳାପ ୭୬ ପ୍ରତିଶତ ହ୍ରାସ ପାଇଥିଲା । ମାଓହିଂସା ମଧ୍ୟ ଦୃଷ୍ଟାନ୍ତମୂଳକ ଭାବେ ହ୍ରାସ ପାଇଛି । ଦେଶରେ ୫୦୦ରୁ ଉର୍ଦ୍ଧ୍ଵ ସୁରକ୍ଷା କେନ୍ଦ୍ର ପ୍ରତିଷ୍ଠା କରାଯିବା ସହ ୬୦୦ରୁ ଉର୍ଦ୍ଧ୍ଵ ପୋଲିସ ଷ୍ଟେସନକୁ ମାଓବାଦ ବିରୋଧରେ ଲଢିବା ପାଇଁ ସ୍ଵତନ୍ତ୍ର ତାଲିମ ଦିଆଗଲା । କିନ୍ତୁ ବିଗତ ଦିନମାନଙ୍କରେ ମାଓ ମୁଖିଆ ମାନଙ୍କୁ ଖୋଜି ନିପାତ କରିବା ସେତେଟା ସମ୍ଭବ ହେଉନଥିଲା କିନ୍ତୁ ବର୍ତ୍ତମାନ ଏକପ୍ରକାର ମାଓଦୁର୍ଗ ମୁରବୀଶୂନ୍ୟ ହୋଇଯାଇଛି । ସରକାର ମାଓଅଧ୍ଯୁଷିତ ଆଦିବାସୀ ଅଚଂଳରେ ଆଦିବାସୀମାନଙ୍କ ସହ ସେମାନଙ୍କ ପାଇଁ ମେଡିକାଲ, ଶିକ୍ଷା ଓ ରାସ୍ତା ନିର୍ମାଣକୁ ତ୍ଵରାନ୍ଵିତ କରିଥିଲେ । ମାଓବାଦକୁ ଦମନ କରିବା ପାଇଁ ୧୫୦୦କୋଟି ଟଙ୍କାର ଏକ ବୃହତ ରାଶୀ ମଧ୍ୟ ସରକାରଙ୍କ ତହବିଲରୁ ଖର୍ଚ୍ଚ ହୋଇଥିଲା । ତେବେ ଅନ୍ୟ ଏକ ବଡ ଉପଲବ୍ଧି ସରକାରଙ୍କୁ ମିଳିଥିଲା ରେକର୍ଡ ସଂଖ୍ୟାରେ ମାଓବାଦୀ ମାଓବାଦକୁ ପରିହାର କରି ସମାଜର ମୁଖ୍ୟସ୍ରୋତରେ ମିଶିବା ପାଇଁ ଚେଷ୍ଟା କରୁଛି । ଦେଶର ବିକାଶ ପାଇଁ ଯେପରି ଭାବେଁ ସ୍ଵାକ୍ଷର ହେବା ସମସ୍ତଙ୍କୁ ଆବଶ୍ୟକ ଠିକ ସେହିପରି ଆଦିବାସୀ ଅଚଂଳକୁ ଗମନାଗମନର ବିକାଶ କରି ସେଠାରେ ଶିକ୍ଷା ଓ ସ୍ଵାସ୍ଥ୍ୟର ବୁନିଆଦି ଢାଚାଂକୁ ପରିବର୍ତନ କରିବା ପରେ ମାଓବାଦ ଏବେ କେବଳ ଆଦର୍ଶବିହୀନ ଓ ଦୃତ ଅବନତୀ କରୁଥିବା ଏକ ଚାନ୍ଦା ଆଦାୟକାରୀ ସଂସ୍ଥାରେ ପାଲଟିଛି । ପୂର୍ବରୁ ବିଦେଶୀ ଏନଜିଓ ସଂସ୍ଥାମାନଙ୍କ ଦ୍ଵାରା ଭାରତବିରୋଧୀ ଶକ୍ତି ଭାବେ ମାଓବାଦକୁ ଗୁପ୍ତ ପ୍ରୋତ୍ସାହନ ଥିବାରୁ ଏହାକୁ ଧିରେ ଧିରେ ସେମାନଙ୍କ ପୁଞ୍ଜିର ସ୍ରୋତ ଉପରେ ଲଗାମ କଷାଯିବାରୁ ଧିରେଧିରେ ମାଓବାଦୀମାନଙ୍କୁ ଆର୍ଥିକ ସହାୟତା ମିଳିବା ବନ୍ଦ ହେବା କାରଣରୁ ଏବେ ମାଓବାଦକୁ ସେଭଳି କେହି ନୂଆଭାବେ ସଦସ୍ୟତା ଗ୍ରହଣ କରୁନାହାଁନ୍ତି ଓ ଦିନକୁ ଦିନ ଏହା ଦୁର୍ବଳ ହେବାରେ ଲାଗିଛି । ମାଓଅଧୁଷିତ ଅଚଂଳରେ ପୂର୍ବରୁ ନିର୍ବାଚନରେ ଶତକଡା ୫୦ ପ୍ରତିଶତ ମଧ୍ୟ ଭାଗ ନେଉନଥିବା ବେଳେ ଏବେ ୭୦ପ୍ରତିଶତ ମତଦାନ ହିଁ ସେଠାରେ ଲୋକେ ମାଓବାଦ ପରି

## ବଣିଜ ବିଚାର : ଜୋତା ଶିଳ୍ପର ଲାଭକୁ ଅଣଦେଖା କାହିଁକି ?



ଆମ ଜୀବନରେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଭାବେ ତ ଜୋତା ଓ ଚପଲର ଚାହିଦା ଅଛି, ଫେସନ ଅଭିବ୍ୟକ୍ତି ଭାବେ ଜୋତା ବା ଚପଲ ମଧ୍ୟ ବେଶ ପୋଷାକର ଏକ ଅଂଶ ଭାବେ ବିପୁଳ ଲୋକପ୍ରିୟ । ସୁତରାଂ, ତାହାର ଉତ୍ପାଦନ ଓ ବ୍ୟବସାୟକୁ ନେଇ ଆମ ରାଜ୍ୟର ସ୍ଥିତି ଏବଂ ଅନ୍ୟ ରାଜ୍ୟମାନେ ଏଥିରେ କେତେ ଅଗ୍ରଣୀ ତାହା ଏକ ଆଲୋଚନା ଲାଗି ସଂଦର୍ଭ ସୃଷ୍ଟି କରିଥାଏ । ପୁଣି ଉତ୍କଳଗେ ?ରବ ମଧୁସୂସନ ଦାସଙ୍କ ଦ୍ଵାରା ସ୍ଥାପିତ 'ଉତ୍କଳ ଟାନେରି' ସ୍ଵାଧୀନତା ପୂର୍ବବର୍ତ୍ତୀ ଭାରତରେ ସ୍ଵଦେଶୀ ଉଦ୍ୟୋଗର ଏକ ଧ୍ରୁବତାରାସୁଲଭ ଦୃଷ୍ଟାନ୍ତ ହୋଇଥିବାରୁ ଆମ ରାଜ୍ୟକୁ ଘେନି ଏଭଳି ଆଲୋଚନା ଅଧିକ ପ୍ରାସଙ୍ଗିକ ଭଳି ମନେ ହୋଇଥାଏ । ଉଲ୍ଲେଖଯୋଗ୍ୟ ଯେ ଜୋତା କିମ୍ବା ଚପଲ ବ୍ୟବସାୟକୁ ଦୁଇ ଭାଗରେ ବିଭକ୍ତ କରାଯିବ; ପ୍ରଥମଟି ହେଲା ଆମ ଦେଶର ବିଭିନ୍ନ ରାଜ୍ୟରେ ତିଆରି ଓ ବିକ୍ରି ହେଉଥିବା ଜୋତା ବା ଚପଲ ଏବଂ ଦ୍ଵିତୀୟଟି ହେଲା ଆମ ଦେଶରେ ମିଳୁଥିବା ବିଦେଶୀ କମ୍ପାନିର ଜୋତା ବା ଚପଲ । ଆମ ଦେଶୀ ବ୍ରାଣ୍ଡ ଭିତରେ କିଛି ଅଗ୍ରଗଣ୍ୟ ହେଲେ ବାଟା, ଖାଦିମ୍ ?ସ, ଶ୍ରୀଲେଦର୍ସ, ଭିକେସି ଇତ୍ୟାଦି ଏବଂ ବିଦେଶୀ ବ୍ରାଣ୍ଡଗୁଡ଼ିକ ଭିତରେ ପ୍ରମୁଖ ହେଉଛନ୍ତି ନାଇକି, ପୁମା, ସୋଲମୋନ, କନଭର୍ସ, ରିବୋକ, କ୍ରକ୍ ?ସ ଇତ୍ୟାଦି । ତେବେ, ସମସ୍ତେ ନାମକରା ବ୍ରାଣ୍ଡର ଚପଲ ବା ଜୋତା ପିନ୍ଧୁ ନ ଥିବାରୁ ଆଚଂଳିକ ଭାବେ ତିଆରି ଜୋତା ବା ଚପଲର ମଧ୍ୟ ଏକ ବିଶାଳ ବଜାର ରହିଛି, କିନ୍ତୁ ସେ ଉଦ୍ୟୋଗର ସ୍ଥିତି ସୁବ୍ୟବସ୍ଥିତ ନୁହେଁ । ପ୍ରଥ ?ମ ବିଦେଶୀ ବ୍ରାଣ୍ଡ ?ର ବ୍ୟବସାୟ ଉପରେ ଆଲୋଚନା କରିବା, ଯାହାର ଦୁଇଟି ସ୍ତର ରହିଛି । ପ୍ରଥମ ସ୍ତରରେ ଥାଆନ୍ତି ନାମକରା ବିଦେଶୀ ବ୍ରାଣ୍ଡଗୁଡ଼ିକ ନିଜେ ପ୍ରସ୍ତୁତ କରୁଥିବା ଜୋତା ବା ଚଫଲ, ଯେଉଁ କଂପାନିଗୁଡ଼ିକ ମୂଳତଃ ଆମେରିକା, ଜର୍ମାନୀ, ଜାପାନ ଓ ସ୍ଵିଜରଲ୍ୟାଣ୍ଡ ?ରେ ଅବସ୍ଥିତ ଏବଂ ସେମାନଙ୍କ ନାଁରେ ?ଜୋତା ବିକ୍ରି ହୁଏ । କିନ୍ତୁ ଏଭଳି ଜୋତା ବା ଚପଲ କମ୍ପାନି ଅଧିକାଂଶ ଜୋତା ବା ଚପଲ ନିଜେ ଉତ୍ପାଦନ ନ କରି ସେ ଦାୟିତ୍ଵ ଅନ୍ୟ କମ୍ପାନିଗୁଡ଼ିକୁ ଦେଇ ଦିଅନ୍ତି । ବଡ଼ ବ୍ରାଣ୍ଡ ?ଗୁଡ଼ିକ ଲାଗି ଜୋତା ତିଆରି କରୁଥିବା କମ୍ପାନିଗୁଡ଼ିକୁ 'ଆଉଟସୋର୍ସଡ୍ ଫୁଟ୍‌ଉୟର ମ୍ୟାନୁଫାକ୍ ?ଚର୍ର' ବୋଲି କୁହାଯାଏ । ଏମାନେ ଦୀର୍ଘକାଳୀନ ଚୁକ୍ତି ଭିତ୍ତିରେ ନାମୀ କଂପାନିଗୁଡ଼ିକ ଲାଗି ଜୋତା ତିଆରି କରିଥାଆନ୍ତି । ଏହା ହେଉଛି ଦ୍ଵିତୀୟ ସ୍ତର । ଏଭଳି 'ଆଉଟସୋର୍ସି'ରୁ ଲାଭବାନ ହେଉଥିବା କମ୍ପାନିଗୁଡ଼ିକ ଭିତରୁ ପାଖାପାଖି ୯୦% ଭିଏତନାମ, ତାଇୱାନ ଓ ଚୀନରେ ଅବସ୍ଥିତ । ତେଣୁ ବିଶ୍ଵ ବଜାରରେ ବହୁଳ ଭାବେ ବିକ୍ରି ହେଉଥିବା ଆମେରିକୀ ବା ୟୁରୋପୀୟ ବ୍ରାଣ୍ଡର ଜୋତା ବା ଚପଲ ପ୍ରକୃତରେ ତିଆରି ହେଉଛି ଏସିଆ ମହାଦେଶର ଉପରୋକ୍ତ କିଛି ଦେଶରେ । ଏହି ପରିପ୍ରେକ୍ଷୀରେ ଯାହା ଧ୍ୟାନ ଆକର୍ଷଣକାରୀ, ତାହା ହେଲା ତାଇୱାନ ଓ ଭିଏତନାମରେ କଚାଂମାଲ ଓ ଶ୍ରମିକ ମଜୁରିରେ ବୃଦ୍ଧି ହୋଇଥିବା ହେତୁ ଅନେକ ବିଦେଶୀ ବ୍ରାଣ୍ଡ ଗଲା ଦଶ ବର୍ଷ ହେଲାଣି ସେମାନଙ୍କ ଦ୍ରବ୍ୟ ଉତ୍ପାଦନ ଲାଗି ଭାରତମୁହାଁ ହୋଇଛନ୍ତି । ଫଳରେ ଏହି ବ୍ରାଣ୍ଡେଡ୍ କମ୍ପାନିଗୁଡ଼ିକୁ ଭାରତ ତିଆରି ଜୋତା ରପ୍ତାନିରେ ବୃଦ୍ଧି ଘଟିଛି । ପୂର୍ବେ ଆମ ଦେଶରେ ଜୋତା କିମ୍ବା ଚପଲ ତିଆରି କଥା ଉଠିଲେ ଉତ୍ତରପ୍ରଦେଶର ଆଗ୍ରା ଓ କାନପୁର କଥା ଶୁଣାଯାଉଥିଲା । କିନ୍ତୁ ବିଗତ ଦୁଇ ଦଶନ୍ଧି ହେବ ଦକ୍ଷିଣ ଭାରତର ତାମିଲନାଡୁସ୍ଥ ଅମ୍ବୁର ଓ ରାଣୀପେଟ, ଆନ୍ଧ୍ରପ୍ରଦେଶର ନେଲ୍ଲୋର ଜିଲ୍ଲା ଜୋତା ଓ ଚପଲ ତିଆରିରେ ଅଗ୍ରଣୀ ହୋଇଗଲେଣି । ଏହି ସବୁ ସ୍ଥାନରେ ଉଭୟ ଦେଶୀ ଓ ବିଦେଶୀ ବ୍ରାଣ୍ଡର ଜୋତା ତିଆରି କରାଯାଉଛି । ତାମିଲନାଡୁର ଅମ୍ବୁର ଓ ଚେନ୍ନାଇ ଅଚଂଳରେ ପ୍ରାୟ ୨୨୫ଟି ଜୋତା କିମ୍ବା ଚପଲ ତିଆରି କାରଖାନା ରହିଛି । ଦେଶର ସମୁଦାୟ ଜୋତା ଚାହିଦାର ୩୦% ପୂରଣ କରିଥାଏ କେବଳ ତାମିଲନାଡୁର ଏଇ ଅଚଂଳ । ଦେଶର ଜୋତା କିମ୍ବା ଚପଲ ରପ୍ତାନିର ୪୮% କେବଳ ଚେନ୍ନାଇ ବନ୍ଦରରୁ ହିଁ ହୋଇଥାଏ । ସେମିତି ଆନ୍ଧ୍ରପ୍ରଦେଶର ନେଲ୍ଲୋର ଜିଲ୍ଲାରେ ବନ୍ଦର ପାଖରେ ୨୦ରୁ ଅଧିକ ଚପଲ ଓ ଜୋତା ତିଆରି କାରଖାନାମାନ ରହିଛି । କିନ୍ତୁ ଆମ ରାଜ୍ୟରେ ଚପଲ ଓ ଜୋତା ତିଆରି କାରଖାନା ଆଦୌ ନାହିଁ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ; ଅତି ବେଶୀରେ ଆମ ରାଜ୍ୟରେ ମାତ୍ର ୮ରୁ ୧୦ଟି ଛୋଟ କମ୍ପାନି ଅଛନ୍ତି । ତେଣୁ ଆମ ରାଜ୍ୟ ଏ କ୍ଷେତ୍ରରେ ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ । ଆମ ରାଜ୍ୟରେ ମିଳୁଥିବା ଚମଡ଼ା ଜୋତା କିମ୍ବା ଚପଲ କାନପୁର କିମ୍ବା ଆଗ୍ରାରୁ ଆସୁଛି, ଫେସନ ଲାଗି ପିନ୍ଧା ଯାଉଥିବା ଜୋତା କିମ୍ବା ଚପଲ ଆସୁଛି ଚେନ୍ନାଇ ଓ ଆନ୍ଧ୍ରରୁ ଏବଂ କମ୍ ଦାମ୍‌ର ଚପଲ କିମ୍ବା ଜୋତା ଆସୁଛି ଦିଲ୍ଲୀ ଓ ହରିୟାଣାରୁ । କହିବାର ମର୍ମ ହେଲା ସଂପ୍ରତି ସୃଷ୍ଟି ହୋଇଥିବା ସୁଯୋଗର ଲାଭ ଉଠାଇ ତାମିଲନାଡୁ ଓ ଆନ୍ଧ୍ର ପ୍ରଦେଶ ଭଳି ରାଜ୍ୟ ଆୟ ଓ ନିଯୁକ୍ତି ବୃଦ୍ଧିରେ ସଫଳ ହୋଇଥିଲା ବେଳେ ଆମ ରାଜ୍ୟ ଲାଭ ଉଠାଇ ପାରିନାହିଁ । ତାମିଲନାଡୁ ଏ ଦିଗରେ କିଭଳି ଅଗ୍ରଗତି କରିଛି, ତାହା ଦେଖିବା । ଏହି ଆଲୋଚନାରେ କେବଳ ଏକ ନିର୍ଦ୍ଦିଷ୍ଟ ପ୍ରକାରର ଜୋତା କିମ୍ବା ଚପଲକୁ ଅନୁଶୀଳନ ଲାଗି ନିଆଯାଉ । ସଂପ୍ରତି ବଜାରରେ ଏକ ପ୍ରକାରର ଚପଲର ଚାହିଦା ବହୁତ, ଯାହାକୁ 'କ୍ଲଗ୍‌ସ' ଚପଲ ବୋଲି କୁହାଯାଉଛି । ବିଶ୍ଵ ବଜାରରେ ଏହି ପ୍ରକାରର ଚପଲର ବ୍ୟାବସାୟିକ ମୂଲ୍ୟ ୭୫ ହଜାର କୋଟି ଡଲାର ହେଲାଣି । ଏହାର ବିକ୍ରି ବିଗତ ତିନି ବର୍ଷ ଭିତରେ ୭% ହାରରେ ବୃଦ୍ଧି ପାଉଛି ଏବଂ ଆଗାମୀ ୫ ବର୍ଷରେ ଏହି ବୃଦ୍ଧି ହାର ୧୨%ରେ ପହଚିଂବ ବୋଲି ଆକଳନ କରାଯାଉଛି । ୨୦୩୦ ମସିହା ସୁଦ୍ଧା 'କ୍ଲଗ୍‌ସ'ଜାତୀୟ ଚପଲର ବଜାର ଆକାର ୧.୧୮ ଲକ୍ଷ କୋଟି ଡଲାରରେ ପହଚିଂବାର ବୋଲି ଅନୁମାନ କରାଯାଉଛି । ବିଶ୍ଵ ଚପଲ ବଜାରରେ ଏଭଳି ବ୍ୟବସାୟର ସୁଯୋଗକୁ ଉପଲବ୍ଧି କରିପାରିଥିବା ପ୍ରଥମ ରାଜ୍ୟ ହେଉଛି ତାମିଲନାଡୁ । ଗଲା ଦଶନ୍ଧିରେ ତାମିଲନାଡୁ ସରକାର ତାଇୱାନ ଓ ଭିଏତନାମରୁ ଚପଲ ଉଦ୍ୟୋଗୀମାନଙ୍କୁ ଆମନ୍ତ୍ରଣ କରି ଉଦ୍ୟୋଗ ବସାଇବା ପାଇଁ ଅନେକ ସୁବିଧା ଯୋଗାଇ ଦେଇଛନ୍ତି । ଫଳତଃ, କାଚିଂପୁରମ, ତିଣ୍ଡିୱାଣମ ଓ ଭେଲୋର ଭଳି ଅଚଂଳରେ କୋଡ଼ିଏରୁ ଅଧିକ ବଡ଼ ତାଇୱାନୀ ଓ ଭିଏତନାମୀ କମ୍ପାନି ଉଦ୍ୟୋଗ ସ୍ଥାପନ କରିଛନ୍ତି । ଏହି ସବୁ ଉଦ୍ୟୋଗ ରପ୍ତାନିଭିତ୍ତିକ ଏବଂ ପ୍ରତ୍ୟେକ ଉଦ୍ୟୋଗରେ ପ୍ରାୟ ତିନିରୁ ଚାରି ହଜାର ଆଚଂଳିକ ଲୋକ ନିଯୁକ୍ତି ପାଇଛନ୍ତି । ବର୍ଷକୁ ଏକ କୋଟି କ୍ଲଗ୍ ?ସ ଚପଲ ଯୋଡ଼ା ତିଆରି କରିବାକୁ ହେଲେ ପ୍ରଥମେ ଦରକାର ପ୍ରାୟ ୧୦୦ ଏକର ପରିମିତ ଜମି । ତାମିଲନାଡୁ ସରକାର ଏଭଳି କମ୍ପାନିଙ୍କୁ ଜମି କୋଡ଼ିଏ ବର୍ଷିଆ ଲିଜ୍ ?ରେ ଦେଇଛନ୍ତି । ଏଭଳି ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଆବଶ୍ୟକ ହୁଏ ପ୍ରାୟ ୪୦୦ କୋଟି ଟଙ୍କା, ଯହିଁରେ ଜୋତା ବା ଚପଲ ତିଆରି ମେସିନ ଅନ୍ତର୍ଭୁକ୍ତ । ବର୍ଷକୁ କୋଟିଏ ଯୋଡ଼ା ଚପଲ ତିଆରି କରୁଥିବା କାରଖାନାରେ ମୋଟାମୋଟି ୩୨୦୦ ଜଣ ଲୋକ ନିଯୁକ୍ତି ପାଅନ୍ତି, ଯହିଁରୁ ୨୨୦୦ ଜଣ ଅଣକୁଶଳୀ, ପ୍ରାୟ ୯୫୦ ଜଣ ଅର୍ଦ୍ଧକୁଶଳୀ ଏବଂ ମାତ୍ର ପ୍ରାୟ ୫୦ ଜଣ କୁଶଳୀ ବା ଦକ୍ଷ ମାନବ ସମ୍ବଳ ଭାବେ ଗଣା । ଜଣେ ଅଣକୁଶଳୀ କର୍ମଚାରୀ ସକାଶେ ଦରମା ମାସିକ ୨୦ ହଜାର ହୋଇଥିଲା ବେଳେ ଅର୍ଦ୍ଧ ଓ ପୂର୍ଣ୍ଣ ଦକ୍ଷ ମାନବ ସମ୍ବଳ ଲାଗି ଦରମା ବ୍ୟକ୍ତି ପିଛା ମାସିକ ୩୦ ହଜାରରୁ ନେଇ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହୋଇଥାଏ । ସୁତରାଂ, ବେକାରି ଦୂରୀକରଣ ଦିଗରେ ଏଭଳି ଉଦ୍ୟୋଗର ଭୂମିକା ତାତ୍ପର୍ଯ୍ୟପୂର୍ଣ୍ଣ । ଏଭଳି ଚପଲ ତିଆରି ଲାଗି ଆବଶ୍ୟକ କଚାଂମାଲ ଯଥା ରେଜିନ୍‌ସ ଓ କିଛି ନିର୍ଦ୍ଦିଷ୍ଟ ରାସାୟନିକ ଦ୍ରବ୍ୟର କିଲୋ ପିଛା ଦର ହେଉଛି ଯଥାକ୍ରମେ ୧୮୦ ଟଙ୍କା ଓ ୩୬୦ ଟଙ୍କା । ଏହି ଆଧାରରେ ହିସାବରୁ ଜଣାପଡ଼େ ଯେ ଗୋଟେ ଯୋଡ଼ା ଏଭଳି ଚପଲର ତିଆରି ମୂଲ୍ୟ ହେଉଛି ମାତ୍ର ୩୨୦ ଟଙ୍କା । କିନ୍ତୁ ତାହାର ବିକ୍ରୟ ଦର ଯାହା, ସେଥିରେ ୪୦% ଲାଭ ମିଳିଥାଏ । ଏଭଳି ଏକ କାରଖାନା ଆରମ୍ଭ ହୋଇ ଉତ୍ପାଦନକ୍ଷମ ହେବା ସ୍ତରକୁ ଆସିବା ଲାଗି ସମୁଦାୟ ୧୫ରୁ ୧୮ ମାସ ଆବଶ୍ୟକ । ଆମ ରାଜ୍ୟରେ ଏଭଳି ଉଦ୍ୟୋଗ ଲାଗି ଜମି ଓ ପ୍ରମୁଖ ମାନବ ସମ୍ବଳ ଭାବେ ଅଣକୁଶଳୀ ଶ୍ରମିକଙ୍କ ଉପଲବ୍‌ଧତାରେ ଅଭାବ ନ ଥିବାରୁ ଏଭଳି କାରଖାନା ଲାଗି ଅସୁବିଧାର କୌଣସି କାରଣ ନାହିଁ । ଦ୍ଵିତୀୟ କଥା ହେଲା ବିଦେଶୀ କଂପାନି ଲାଗି ଦ୍ରବ୍ୟ ତିଆରି କରିବାକୁ ଚୁକ୍ତିବଦ୍ଧ ହେଲେ ସେଥି ଲାଗି ଆବଶ୍ୟକ ସେହି କଂପାନିଗୁଡ଼ିକ ଦ୍ଵାରା ଅନୁମୋଦିତ ଉନ୍ନତ ଗୁଣମାନର କଚାଂମାଲ ବିଦେଶରୁ ଆମଦାନି କରାଯାଇଥାଏ । ତେଣୁ କଚାଂ ମାଲ ଲାଗି ମଧ୍ୟ କିଛି ଅସୁବିଧା ନାହିଁ । ତେଣୁ ଏ ସୁଯୋଗକୁ ହାତେଇ ନେବାରେ ଆମ ରାଜ୍ୟ ଲାଗି ଅସୁବିଧା କେଉଁଠି ? ସ୍ଵଦେଶୀ ଆନ୍ଦୋଳନରେ ଅନୁପ୍ରାଣିତ ହୋଇ ମଧୁବାବୁ ୧୯୦୫ ମସିହାରେ ଉତ୍କଳ ଟାନେରି ଗଢ଼ିଥିଲେ । ରାଜ୍ୟ ପାଇଁ ଆବଶ୍ୟକ ଜୋତା ଇଂଲଣ୍ଡରୁ କିଣା ନ ଯାଉ ବୋଲି ମଧୁବାବୁ ଅଟାଂ ଭିଡ଼ିଥିଲେ । ପରିଣାମରେ ମଧୁବାବୁଙ୍କୁ ଏଥିପାଇଁ ବହୁତ କଷ୍ଟ ଉଠାଇବାକୁ ପଡ଼ିଥିଲା । ଏବେ ଅନ୍ତତଃ ତା'ର ସ୍ମୃତି ଚାରଣ କରି ରାଜ୍ୟ ସରକାର ଓ ରାଜ୍ୟର ପୁଞ୍ଜିପତିମାନେ ଏ ଦିଗରେ କାର୍ଯ୍ୟ କରିବା ଆବଶ୍ୟକ । ରାଜ୍ୟ ଦକ୍ଷତା ବିକାଶ ବିଭାଗ ଏ ଦିଗରେ ଧ୍ୟାନ ଦେବା ଦରକାର । ଏଭଳି ଟ୍ରେନିଂ ସେଟଂର ଜରିଆରେ କୁଶଳୀ ଶ୍ରମ ବଳ ସୃଷ୍ଟି କରାଗଲେ ସେମାନେ ଅଧିକ ପାରିଶ୍ରମିକରେ ନିଯୁକ୍ତିର ସୁଯୋଗ ଆମ ରାଜ୍ୟ ଅଥବା ବାହାର ରାଜ୍ୟରେ ପାଆନ୍ତେ ।

## ଅପରାଧର ମାନଚିତ୍ର

'ଏନ୍‌ସିଆରବି' ରିପୋର୍ଟ ଭାରତରେ ଅପରାଧର ଏକ ଚିନ୍ତାଜନକ ଚିତ୍ର ବହନ କରୁଥିଲେ ହେଁ, ଏହା ମଧ୍ୟ ଲକ୍ଷ୍ୟ କରିବା କଥା ଯେ ଦେଶରେ ହିଂସାତ୍ମକ ଅପରାଧ ବର୍ତ୍ତମାନ ଏକ ଚଟାଣରେ ପହଚିଂ ଯାଇଥିବା ଭଳି ମନେ ହେଉଛି । ପୁଲିସ ଓ ଆଇନ କାର୍ଯ୍ୟକାରୀ କରୁଥିବା ସଂସ୍ଥାମାନେ ଏହି ସୁଯୋଗର ସଦ୍ ?ବ୍ୟବହାର କରି କଠୋର କାର୍ଯ୍ୟାନୁଷ୍ଠାନ ଜାରି ରଖିଲେ, ସେଥିରେ ଆଉ ବୃଦ୍ଧି ନ ଘଟି ତାହା କ୍ରମେ ହ୍ରାସ ପାଇବାରେ ଲାଗିବ । ପ୍ରତି ବର୍ଷ 'ନେସନାଲ୍ କ୍ରାଇମ୍ ରେକର୍ଡସ ବ୍ୟୁରୋ' ('ଏନ୍ ?ସିଆ ?ବି') ଭାରତରେ ଅପରାଧର ସାମଗ୍ରିକ ଚିତ୍ର ସମ୍ବଳିତ ଏକ ରିପୋର୍ଟ ପ୍ରକାଶ କରିଥାଏ । ସେଇ ଧାରାର ଅଂଶ ସ୍ଵରୂପ 'ଏନ୍ ?ସିଆ ?ବି' ଦ୍ଵାରା ସଦ୍ୟ ପ୍ରକାଶିତ ହୋଇଥିବା ରିପୋର୍ଟ ୨୦୨୩ ପାଇଁ ଭାରତରେ ଅପରାଧ ସମ୍ବନ୍ଧରେ ଯେଉଁ ଚିତ୍ର ପ୍ରଦାନ କରିଥାଏ, ତାହା ଅନେକ ଦୃଷ୍ଟିରୁ ବେଶ୍ ତାତ୍ପର୍ଯ୍ୟ ବହନ କରିଥାଏ । ଏହି ରିପୋର୍ଟ ଅନୁସାରେ ସେ ବର୍ଷ ଦେଶରେ ମୋଟ ୬.୪ ନିୟୁତ ସଂଖ୍ୟକ ଅପରାଧ ଘଟଣା ପଞ୍ଜିକୃତ ହୋଇଥିଲା, ଯାହା ତା'ର ପୂର୍ବ ବର୍ଷ ତୁଳନାରେ ୭.୨ ଶତାଂଶ ଅଧିକ ଥିଲା । ଏହା ଫଳରେ ଦେଶରେ ଅପରାଧ ହାର ପ୍ରତି ଏକ ଲକ୍ଷ ନାଗରିକଙ୍କ ପିଛା ୪୪୮ରେ ପହଚିଂଥିଲା, ଯାହା ବିଗତ ୨୦ ବର୍ଷ ମଧ୍ୟରେ ତିନି ଗୁଣ ହୋଇଛି । ରିପୋର୍ଟ ପ୍ରଦର୍ଶିତ କରିଥିବା ଅପରାଧ ସଂଖ୍ୟାରେ ଏହି ବୃଦ୍ଧି ପଛରେ ମୁଖ୍ୟତଃ ତିନିଟି କାରଣ ନିହିତ ଅଛି । ପ୍ରଥମ- ଅପରାଧ ରିପୋର୍ଟ କରାଯିବାରେ ବୃଦ୍ଧି; ଦ୍ଵିତୀୟ- ଅପରାଧର ସହରୀକରଣ; ତୃତୀୟ- ସାଇବର୍ ଅପରାଧର ଆବିର୍ଭାବ । ୨୦୨୩ରେ ଭାରତର ସହରାଚଂଳରେ ଘଟୁଥିବା ଅପରାଧ ସଂଖ୍ୟାରେ ୧୦.୬ ଶତାଂଶ ବୃଦ୍ଧି ଘଟିଥିଲା ଏବଂ ସାଇବର୍ ଅପରାଧ ସଂଖ୍ୟାରେ ୩୧.୨ ଶତାଂଶ ବୃଦ୍ଧି ଘଟିଥିଲା । ଏ ସମସ୍ତର ମିଳିତ ପ୍ରଭାବରେ ସେ ବର୍ଷ ଦେଶରେ ହାରାହାରି ପ୍ରତି ୫ ସେକେଣ୍ଡ ?ରେ ଗୋଟିଏ ଅପରାଧ ଘଟିବା ଦେଖାଯାଇଥିଲା । ଦେଶରେ ଘଟିଥିବା ପ୍ରାୟ ୨୦ ହଜାରରୁ ଅଧିକ ହତ୍ୟାକାଣ୍ଡ ଆମେରିକା ସହିତ ପ୍ରାୟ ସମାନ ହୋଇଥିଲେ ହେଁ ପ୍ରତି ଏକ ଲକ୍ଷ ଲୋକସଂଖ୍ୟା ପିଛା ଦେଖିଲେ ଏହା ହେଉଛି ଆମେରିକାର ୪୦ ଶତାଂଶ ମାତ୍ର । ପ୍ରତି ଏକ ଲକ୍ଷ ଲୋକସଂଖ୍ୟା ପିଛା ଭାରତରେ ଘଟିଥିବା ୨.୩ଟି ହତ୍ୟାକାଣ୍ଡ ହେଉଛି ମେକ୍ ?ସିକୋ ଓ ବ୍ରାଜିଲ୍ ଭଳି ଦେଶମାନଙ୍କରେ ଘଟୁଥିବା ହତ୍ୟାକାଣ୍ଡ ସଂଖ୍ୟାର ଏକ-ଦଶମାଂଶ ମାତ୍ର । କିନ୍ତୁ ବ୍ରିଟେନ୍ ତୁଳନାରେ ଭାରତରେ ଏହି ଅପରାଧ ହାର ଦୁଇ ଗୁଣ ହୋଇଥାଏ । ସାଇବର୍ ଅପରାଧ କ୍ଷେତ୍ରରେ ଯେଉଁ ଦୁଇ ରାଜ୍ୟ ଶୀର୍ଷ ସ୍ଥାନ ଦଖଲ କରିଛନ୍ତି, ସେମାନେ ହେଲେ କର୍ଣ୍ଣାଟକ ଓ ତେଲେଙ୍ଗାନା, ଯେଉଁଠାରେ ଏହି ଆଧୁନିକ ଅପରାଧ ସଂଖ୍ୟା ୧୭,୦୦୦ ଅତିକ୍ରମ କରିଛି । ସର୍ବାଧିକ ସଂଖ୍ୟକ ସାଇବର୍ ଅପରାଧ ଘଟିଥିବା ନଗରୀ ହେଉଛି ସ୍ଵାଭାବିକ ଭାବରେ ବେଙ୍ଗାଲୁରୁ । କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବରେ ଦେଶରେ ସର୍ବାଧିକ ସଂଖ୍ୟକ ଯେ ?ତୁକ ସଂପର୍କିତ ଅପରାଧ ଘଟିଥିବା ନଗରୀ ହେଉଛି ସେଇ ବେଙ୍ଗାଲୁରୁ ମଧ୍ୟ । ୨୦୨୩ରେ ସେଇ ଟେକ୍ ?ନୋ ନଗରୀରେ ୧୦୦୦ଟିରୁ ଅଧିକ ଯେ ?ତୁକଜନିତ ଅପରାଧ ଘଟିଥିଲା । ଅଥଚ ଏଭଳି ଅପରାଧ ପାଇଁ କୁଖ୍ୟାତ ବିହାରର ପାଟନାରେ ଏହି ଅପରାଧ ସଂଖ୍ୟା ମାତ୍ର ଶହେଟିରୁ କିଛି ଅଧିକ ମଧ୍ୟରେ ସୀମିତ ଥିଲା ଏବଂ ଲକ୍ଷ୍ନୌ ?ରେ ଏହି ସଂଖ୍ୟା ଥିଲା ମାତ୍ର ୧୯ଟି । ସେଇଭଳି ତାତ୍ପର୍ଯ୍ୟପୂର୍ଣ୍ଣ ଭାବରେ ତାମିଲନାଡୁରେ ପ୍ରତି ଏକ ଲକ୍ଷ ଲୋକଙ୍କ ପିଛା ହାରାହାରି ଅପରାଧ ସଂଖ୍ୟା ହେଉଛି ୯୭୮, ଯାହା ଉପରେ ଉଲ୍ଲେଖ କରାଯାଇଥିବା ଜାତୀୟ ହାରାହାରିର ପ୍ରାୟ ଦୁଇଗୁଣ ! ମନେ ହୁଏ ବେଙ୍ଗାଲୁରୁରେ ସାଇବର୍ ଅପରାଧ ସଂଖ୍ୟା ଓ ତାମିଲନାଡୁରେ ସାଧାରଣ ଅପରାଧ ସଂଖ୍ୟା ଯେଉଁ ଉଚ୍ଚ ହୋଇଥିବା ଦେଖାଯାଇଛି, ତାହାର ସମ୍ଭାବ୍ୟ କାରଣ ହୋଇପାରେ ସେଠାରେ ଅନୁସୃତ ହେଉଥିବା ଆନୁଷ୍ଠାନିକ ସ୍ଵଚ୍ଛତା ଓ ଅନ୍ୟ ଅଚଂଳ ତୁଳନାରେ ପୁଲିସ ଉପରେ ଜନସାଧାରଣ ପ୍ରଦର୍ଶନ କରୁଥିବା ଅଧିକ ବିଶ୍ଵାସ ଓ ଭରସା । ୨୦୨୩ରେ ଦେଶରେ ହିଂସାତ୍ମକ ଅପରାଧ ସଂଖ୍ୟା ପ୍ରାୟ ସ୍ଥିର ରହିଥିବା ବେଳେ ଏ ବାବଦରେ ଦେଶରେ ପ୍ରଥମ ତିନିଟି ସ୍ଥାନ ଦଖଲ କରିଥିବା ନଗରୀମାନ ହେଲେ ଯଥାକ୍ରମେ ଦିଲ୍ଲୀ, ମୁମ୍ବାଇ ଓ ବେଙ୍ଗାଲୁରୁ । 'ଏନ୍ ?ସିଆ ?ବି' ଯେଉଁସବୁ ଅପରାଧମାନଙ୍କୁ ହିଂସାତ୍ମକ ଅପରାଧ ଶ୍ରେଣୀଭୁକ୍ତ କରିଛି ସେଗୁଡ଼ିକ ହେଲେ ହତ୍ୟା, ହରଣଚାଳ ଓ ଅପହରଣ, ଧର୍ଷଣ, ହତ୍ୟା ଉଦ୍ୟମ, ଡକାୟତି, ଅଗ୍ନିକାଣ୍ଡ ଓ ଦଙ୍ଗାଗୋଳ ଆଦି । ଦିଲ୍ଲୀ ଓ ମୁମ୍ବାଇରେ ହିଂସାତ୍ମକ ଅପରାଧର ପରମ୍ପରା ଦୀର୍ଘ ହୋଇଥିବା ବେଳେ ବେଙ୍ଗାଲୁରୁ ମଧ୍ୟ ତାଲିକାର ଶୀର୍ଷ ଦେଶରେ ସେମାନଙ୍କ ସହିତ ଯୋଗଦେବାର କାରଣ ବୋଧହୁଏ ହେଉଛି ସେଠାରେ ଘଟୁଥିବା ସହରୀକରଣର ଦ୍ରୁତ ସଂପ୍ରସାରଣ ଓ ଅପରାଧ ରିପୋର୍ଟ କରାଯିବାରେ ପରିଲକ୍ଷିତ ଉନ୍ନତି । ରିପୋର୍ଟ ଅନୁସାରେ ଦେଶରେ ପ୍ରତି ଏକ ଲକ୍ଷ ମହିଳାଙ୍କ ମଧ୍ୟରୁ ହାରାହାରି ୬୬.୨ ଜଣ କେ ?ଣସି ନା କେ ?ଣସି ଅପରାଧର ଶିକାର ହୋଇଥାନ୍ତି । ସାଧାରଣ ଅପରାଧମାନଙ୍କ ଭଳି ବିଗତ ବାର ବର୍ଷ ମଧ୍ୟରେ ମହିଳା-ବିରୋଧୀ ଅପରାଧ ସଂଖ୍ୟାରେ ତିନିଗୁଣ ବୃଦ୍ଧି ଘଟିବା ଦେଖାଯାଇଛି । ଏହି ଦୃଷ୍ଟିକୋଣରୁ ଯେଉଁ ଦୁଇଟି ରାଜ୍ୟରେ ମହିଳାମାନେ ସର୍ବାଧିକ ଅସୁରକ୍ଷିତ ବୋଲି କୁହାଯାଇ ପାରିବ, ସେମାନେ ହେଲେ ଦିଲ୍ଲୀ ଓ ତେଲେଙ୍ଗାନା । ଦିଲ୍ଲୀରେ ଉପରୋକ୍ତ ପରିସଂଖ୍ୟାନ ୧୩୩ ହୋଇଥିବା ବେଳେ ତେଲେଙ୍ଗାନାରେ ତାହା ହେଉଛି ୧୨୪ । ଏ କ୍ଷେତ୍ରରେ ଯାହା ହେଉଛି ଅତ୍ୟନ୍ତ ଚିନ୍ତାଜନକ, ତାହା ହେଲା ମହିଳାମାନଙ୍କ ପ୍ରତି ଯେଉଁ ସମସ୍ତ ଅପରାଧମାନ ପଞ୍ଜିକୃତ ହୋଇଥାଏ, ସେଥିମଧ୍ୟରୁ ଅଧିକାଂଶ ହେଉଛି ସ୍ଵାମୀ କିମ୍ବା ସଂପର୍କୀୟମାନଙ୍କ ଦ୍ଵାରା ଆଚରିତ ଅପରାଧ । ବିଶେଷ କରି ବିଗତ ଦଶନ୍ଧି ମଧ୍ୟରେ ଅନୁସୂଚିତ ଜାତି ଓ ଜନଜାତିର ମହିଳାମାନଙ୍କ ବିରୋଧରେ ଅପରାଧ ହାରରେ ତୀକ୍ଷ୍ଣ ବୃଦ୍ଧି ଘଟିଥିବା ଦେଖାଯାଇଛି । ୨୦୨୩ରେ ଦେଶରେ ମୋଟ ପ୍ରାୟ ୪୪୪,୦୦୦ଟି ଦୁର୍ଘଟଣାଜନିତ ମୃତ୍ୟୁ ଘଟିଥିଲା, ଯାହା ଏଥିରେ ୩.୨ ଶତାଂଶ ବୃଦ୍ଧି ଦର୍ଶାଇଥାଏ । ଏଥିମଧ୍ୟରୁ ସଡ଼କ ଦୁର୍ଘଟଣା ଯୋଗୁଁ ମୃତ୍ୟୁର ଅଂଶ ହେଉଛି ଏକ ଉଚ୍ଚ ୪୫ ଶତାଂଶ । ସର୍ବାଧିକ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ଘଟୁଥିବା ପ୍ରଥମ ତିନିଟି ସହର ହେଉଛନ୍ତି ଦିଲ୍ଲୀ, ଜୟପୁର ଓ ବେଙ୍ଗାଲୁରୁ । ଅତୀତରେ ଭାରତକୁ ସାପୁଆ କେଳାମାନଙ୍କର ଦେଶ ରୂପେ ବର୍ଣ୍ଣନା କରାଯାଉଥିଲା । ସେମାନେ କ୍ରମେ ଦୃଶ୍ୟପଟରୁ ପ୍ରାୟ ଅନ୍ତର୍ହିତ ହୋଇ ଯାଇସାରିଥିବା ବେଳେ ସାପମାନେ ଯେ ପୂର୍ବଭଳି ଏଠାରେ ଅବାଧରେ ବିଚରଣ କରିବାରେ ଲାଗିଛନ୍ତି, ତାହାର ପ୍ରମାଣ ସ୍ଵରୂପ 'ଏନ୍‌ସିଆରବି' ରିପୋର୍ଟ ଅନୁସାରେ ୨୦୨୩ରେ ଭାରତରେ ପ୍ରାୟ ୧୦,୦୦୦ ସଂଖ୍ୟକ ସର୍ପାଘାତଜନିତ ମୃତ୍ୟୁ ଘଟିଥିଲା । ୨୦୨୩ରେ ଭାରତରେ ଆତ୍ମହତ୍ୟା ହାରରେ ବୃଦ୍ଧି ଘଟି ତାହାର ଅନୁପାତ ପ୍ରତି ଏକ ଲକ୍ଷ ଲୋକଙ୍କ ପିଛା ୧୨.୪ରେ ପହଚିଂଥିଲା । ଚିନ୍ତାଜନକ ଭାବରେ ଆତ୍ମହତ୍ୟା କରିଥିବା ଲୋକମାନଙ୍କ ମଧ୍ୟରୁ ଦୁଇ-ତୃତୀୟାଂଶଙ୍କର ବୟସ ଥିଲା ୪୫ ବର୍ଷରୁ କମ୍ । ବିଶୁଦ୍ଧ ଅର୍ଥନୈତିକ ଦୃଷ୍ଟିକୋଣରୁ ଦେଖିଲେ ଏହା ହେଉଛି ଅତ୍ୟନ୍ତ ଦୁର୍ଭାଗ୍ୟଜନକ, କାରଣ ଜୀବନର ସର୍ବାଧିକ ଉତ୍ପାଦନଶୀଳ ସମୟରେ ଏମାନେ ଜୀବନ ଠାରୁ ଆପଣାଛାଏଁ ବିଦାୟ ନେବାକୁ ନିଷ୍ପତି ନେଇଛନ୍ତି । ଆତ୍ମହତ୍ୟା ସଂଖ୍ୟା ଦୃଷ୍ଟିରୁ ପ୍ରଥମ ଦୁଇଟି ରାଜ୍ୟ ହେଲେ ମହାରାଷ୍ଟ୍ର ଓ ତାମିଲନାଡୁ । ସେ ବର୍ଷ ଦେଶରେ ପ୍ରାୟ ୧୧,୦୦୦ କୃଷକ ଆତ୍ମହତ୍ୟା କରିଥିଲେ, ଯେଉଁଥିରେ ପ୍ରଥମ ଦୁଇଟି ସ୍ଥାନ ଦଖଲ କରିଥିବା ରାଜ୍ୟମାନେ ହେଲେ ମହାରାଷ୍ଟ୍ର ଓ କର୍ଣ୍ଣାଟକ । 'ଏନ୍‌ସିଆରବି' ରିପୋର୍ଟ ଭାରତରେ ଅପରାଧର ଏକ ଚିନ୍ତାଜନକ ଚିତ୍ର ବହନ କରୁଥିଲେ ହେଁ, ଏହା ମଧ୍ୟ ଲକ୍ଷ୍ୟ କରିବା କଥା ଯେ ଦେଶରେ ହିଂସାତ୍ମକ ଅପରାଧ ବର୍ତ୍ତମାନ ଏକ ଚଟାଣରେ ପହଚିଂ ଯାଇଥିବା ଭଳି ମନେ ହେଉଛି । ପୁଲିସ ଓ ଆଇନ କାର୍ଯ୍ୟକାରୀ କରୁଥିବା ସଂସ୍ଥାମାନେ ଏହି ସୁଯୋଗର ସଦ୍‌ବ୍ୟବହାର କରି କଠୋର କାର୍ଯ୍ୟାନୁଷ୍ଠାନ ଜାରି ରଖିଲେ, ସେଥିରେ ଆଉ ବୃଦ୍ଧି ନ ଘଟି ତାହା କ୍ରମେ ହ୍ରାସ ପାଇବାରେ ଲାଗିବ । ଦେଶ ପାଇଁ ଏବେ ଯେଉଁ ନୂତନ ଆହ୍ଵାନ ସୃଷ୍ଟି ହୋଇଛି, ତାହା ହେଉଛି ସାଇବର୍ ଅପରାଧରେ ଘଟୁଥିବା ବୃଦ୍ଧି । ଏହାର ସଫଳ ମୁକାବିଲା ନିମିନ୍ତ ସବୁମନ୍ତେ ଉଦ୍ୟମ କରାଯିବା ଆବଶ୍ୟକ ଓ ଜରୁରି ।

## ସମସ୍ତଙ୍କ ପାଇଁ ବିକାଶ ଓ ସଂକଳ୍ପର ଯାତ୍ରା

ଗରିବ, ନିଷ୍ପେସିତଙ୍କ ଠାରୁ ଆରମ୍ଭ କରି ସମାଜର ସବୁଠୁ ଶେଷ ଧାଡ଼ିରେ ଥିବା ଅବହେଳିତ ଲୋକଙ୍କୁ ବିକାଶର ସ୍ରୋତରେ ସାମିଲ କରିବା ଏବଂ ସେମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ ଭାରତ ସରକାର ସର୍ବାଧିକ ଗୁରୁତ୍ଵ ଦେଉଛନ୍ତି । ସେଥିପାଇଁ କେନ୍ଦ୍ର ସରକାରଙ୍କ ଦ୍ଵାରା କାର୍ଯ୍ୟକାରୀ ହେଉଥିବା ସମସ୍ତ ଫ୍ଲାଗସିପ କାର୍ଯ୍ୟକ୍ରମ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଏବଂ ଏସବୁ ଯୋଜନାର ସଫଳ ରୂପାୟନ ନିଶ୍ଚିତ କରାଇବା ସକାଶେ ଆରମ୍ଭ ହୋଇଛି ବିକଶିତ ଭାରତ ସଂକଳ୍ପ ଯାତ୍ରା । ଭାରତ ସରକାର କେନ୍ଦ୍ର ଶାସିତ ଅଚଂଳ ଏବଂ ରାଜ୍ୟ ଗୁଡ଼ିକର ସହଯୋଗରେ ବିଭିନ୍ନ ଫ୍ଲାଗସିପ ଯୋଜନାର ସଫଳ ରୂପାନ୍ତର ତଥା ଠିକଣା କାର୍ଯ୍ୟକାରିତା ପାଇଁ ଏବେ ମିଶନ ଧାରାରେ କାମ ଆରମ୍ଭ କରିଛନ୍ତି । ପରିମଳ ସୁବିଧା ଅତ୍ୟାବଶ୍ୟକ ଆର୍ଥିକ ସେବା, ଏଲପିଜି ସଂଯୋଗ ସୁବିଧା, ଗରିବଙ୍କ ପାଇଁ ଘର, ଖାଦ୍ୟ ନିରାପନ୍ନା, ଉପଯୁକ୍ତ ପୁଷ୍ଟି, ନିର୍ଭରଯୋଗ୍ୟ ସ୍ଵାସ୍ଥ୍ୟସେବା, ସ୍ଵଚ୍ଛ ପାନୀୟ ଜଳ, ଗୁଣାତ୍ମକ ଶିକ୍ଷା ଭଳି ଫ୍ଲାଗସିପ କାର୍ଯ୍ୟକ୍ରମ ଗରିବ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇଦେବା ପାଇଁ ଉଦ୍ଦିଷ୍ଟ । ସମସ୍ତ ଯୋଗ୍ୟ ଏବଂ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ହିତାଧିକାରୀଙ୍କ ନିକଟରେ ଏସବୁ ସେବା ଯେପରି ନିଶ୍ଚିତ ପହଚିଂପାରିବ ସେଥିପାଇଁ ମିଶନ ମୋଡ଼ରେ ଏହାକୁ କାର୍ଯ୍ୟକାରୀ କରାଯାଉଛି । ସମାଜର ତୃଣମୂଳସ୍ତରରେ ସବା ଶେଷ ଲୋକ ପାଖରେ ଯେପରି ଏସବୁ ମୌଳିକ ସେବା ପହଚିଂପାରିବ ସେଥିପାଇଁ ବିଭିନ୍ନ ଯୋଜନାର ଉପକାରିତା ଏବଂ ଏଥିରେ ଉପଲବ୍ଧ ସୁବିଧା ସମ୍ପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି କରାଯାଉଛି । ବିକଶିତ ଭାରତ ସଂକଳ୍ପ ଯାତ୍ରାର ମୂଳ ଆଭିମୁଖ୍ୟ ହେଲା ଅପହଚଂଙ୍କ ନିକଟରେ ପହଚିଂବା । ଯେଉଁମାନେ ସରକାରଙ୍କ ବିଭିନ୍ନ ସ୍କିମରେ ଯୋଜନାର ସୁଫଳ ପାଇବାକୁ ହକଦାର ଏବଂ ଯୋଗ୍ୟ କିନ୍ତୁ ଏପର୍ଯ୍ୟନ୍ତ ପାଇପାରିନାହାନ୍ତି ସେମାନଙ୍କ ନିକଟରେ ପହଚିଂବା, ବିଭିନ୍ନ ଯୋଜନା ବାବଦରେ ସଚେତନତା ସୃଷ୍ଟି କରିବା ଏବଂ ସୂଚନା ପ୍ରଦାନ କରିବା ଏ କାର୍ଯ୍ୟକ୍ରମର ଲକ୍ଷ୍ୟ । ନାଗରିକ ବା ହିତାଧିକାରୀଙ୍କ ଠାରୁ ସେମାନଙ୍କ ବ୍ୟକ୍ତିଗତ ଅନୁଭୂତି ବା ପ୍ରତିକ୍ରିୟା ଜାଣିବା ଏବଂ ଆବଶ୍ୟକ ସ୍ଥଳେ ଯୋଗ୍ୟ ହିତାଧିକାରୀଙ୍କ ପଞ୍ଜୀକରଣ କରିବା ମଧ୍ୟ ଏହି ଯାତ୍ରାର ଉଦ୍ଦେଶ୍ୟ । ଜନଜାତୀୟ ଗୌରବ ଦିବସ ଅବସରରେ ଏହି ଯାତ୍ରା ଆରମ୍ଭ ହୋଇଥିଲା । ଅଧିକ ଆଦିବାସୀ ଜନସଂଖ୍ୟା ଥିବା ଜିଲ୍ଲା ଗୁଡ଼ିକରେ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ ଭ୍ରାମ୍ୟମାଣ ଯାନ ଜରିଆରେ ଏ ବିଷୟରେ ଲୋକଙ୍କୁ ସଚେତନ କରାଯିବା ପ୍ରକ୍ରିୟା ଜାରି ରହିଛି । ଦେଶର ସବୁ ଜିଲ୍ଲାକୁ ଏହି ଯାତ୍ରା ମାଧ୍ୟମରେ ଜନସଚେତନତା ସୃଷ୍ଟି କରାଯିବାର ଲକ୍ଷ୍ୟ ରହିଛି । ଓଡ଼ିଶାରେ ନଭେମ୍ବର ୧୫ ବିର୍ସାମୁଣ୍ଡା ଜୟନ୍ତୀରୁ ଆରମ୍ଭ ହୋଇଥିବା ବିକଶିତ ଭାରତ ସଂକଳ୍ପ ଯାତ୍ରା ଆଦିବାସୀ ଅଧ୍ୟୁଷିତ କୋରାପୁଟ, ମାଲାକାନାଗିରି, କନ୍ଧମାଳ, କଳାହାଣ୍ଡି, କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲ୍ଲାରେ ବେଶ ସଫଳ ହୋଇଛି । ବର୍ତ୍ତମାନ ଏଲଇଡ଼ି ୱାଇ, ପ୍ରଚାର ପତ୍ର, ସେଲଫି

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉ ରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003




# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତବାର୍ଷିକୀ ଓ ବିଜୟା ଦଶମୀ



ରାଉରକେଲା,୯/୧୦(ନି/ପ୍ର):ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ରାଉରକେଲା ମହାନଗର ତରଫରୁ ଶତବାର୍ଷିକୀ ଉତ୍ସବ ପାଳନ ଓ ବିଜୟା ଦଶମୀ ଚିନ୍ତନ ମାହେଶ୍ୱରୀ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ପ୍ରଚାରକ କ୍ଷେତ୍ର ସମ୍ପର୍କ ପ୍ରମୁଖ ବିଦ୍ୟୁତ୍ ମୁଖାର୍ଜୀ ଓ ଓଡ଼ିଶା ପଶ୍ଚିମ ସଂଘ ଚାଳକ ଡକ୍ଟର ସନାତନ ପ୍ରଧାନ ଉପସ୍ଥିତ ରହି ସଂଘ ସଂଚାଳକ ମୋହନ ଭାଗବତ ନାଗପୁର ଠାରେ ବିଜୟା ଦଶମୀ ଅବସରରେ ପ୍ରଦାନ କରିଥିବା ମାର୍ଗଦର୍ଶନକୁ ରାଉରକେଲାର ପ୍ରବୁଦ୍ଧ ବ୍ୟକ୍ତିତ୍ୱମାନଙ୍କ ଭିତରେ ବାଣ୍ଟିଥିଲେ । ଏହି ଅବସରରେ ଶ୍ରୀ ଭାଗବତଙ୍କ ଦ୍ୱାରା ଆଲୋଚିତ ପଚଂ ପରିବର୍ତନ ଯଥା କୁଟୁମ୍ବ ପ୍ରବୋଧନ, ପର୍ଯ୍ୟାବରଣ ସୁରକ୍ଷା, ସାମାଜିକ ସମରସତା, ନାଗରିକ କର୍ତ୍ତବ୍ୟବୋଧ ଏବଂ ସ୍ୱ-ଜାଗରଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଉପସ୍ଥିତ ଥିବା ପ୍ରବୁଦ୍ଧ ବ୍ୟକ୍ତିତ୍ୱଗଣ ଭାରତୀୟ ଶିକ୍ଷା, ପରମ୍ପରା, ସାମାଜିକ ଐକ୍ୟବଦ୍ଧତା, ରାଷ୍ଟ୍ର ପ୍ରତି ରହିଥିବା ପ୍ରତିବଦ୍ଧତା ସମ୍ପର୍କରେ ଚର୍ଚ୍ଚା ଓ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଡ. ରବୀନ୍ଦ୍ର କୁମାର ଜେନା, କରୁଣାକର ପାଢଶାଣୀ, ରଙ୍ଗ ବାହାଦୁର ବାଗ, ଦୁର୍ଗାପ୍ରସାଦ ମହାପାତ୍ର, ଅନିଲ ଶର୍ମା, ପ୍ରଫେସର ଶିବକୁମାର ମିଶ୍ର, ଆର ସି ପ୍ରଧାନ, ଦିଲ୍ଲୀପ କେଡିଆ, ଶଙ୍କର ପ୍ରସାଦ ତ୍ରିପାଠୀ, ପ୍ରେମଲାଲ ବାନାର୍ଜୀ, ବିଷ୍ଣୁ ମିଶ୍ର, ଗଜେନ୍ଦ୍ର ପ୍ରଧାନ, ଡି. ଚୌଧୁରୀ, ମନୋଜ ବଂଶଲ, ସୂରଜ ବେହେରା, କୁଞ୍ଜବିହାରୀ ରାଉତ, ସୁରଞ୍ଜନ ପଣ୍ଡା, ଡ. ସୁବ୍ରତ ମାଇତି, ପ୍ରଫେସର ଦିଲ୍ଲୀପ ପ୍ରଧାନ, ସସ୍ମିତା ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବରିଷ୍ଠ ପ୍ରଚାରକ ବିଷ୍ଣୁ ପାତ୍ର, ପ୍ରଚାରକ ସୁବ୍ରତ ସାମନ୍ତରାୟ, ଶେଷଦେବ ସେଠୀ, ଶ୍ୟାମସୁନ୍ଦର ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲାବେଳେ ଶେଷରେ କୃଷ୍ଣକୁମାର ଜୟସ୍ୱାଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଉରକେଲାରେ ୨ ହାଇ-ପ୍ରୋଫାଇଲ୍ ସନ୍ଦିଗ୍ଧଙ୍କୁ ଅଟକ




ରାଉରକେଲା,୯/୧୦(ନି/ପ୍ର): ସ୍ଥାନୀୟ ପୋଲିସର ସୂଚନା ଏବଂ ଝାଡ଼ଖଣ୍ଡ ପୋଲିସର ଇନପୁଟ୍ ଆଧାରରେ କାର୍ଯ୍ୟ କରି, ଗୁରୁବାର ଦିନ ଷ୍ଟେସନ ପରିସରରୁ ଦୁଇଜଣ ହାଇ-ପ୍ରୋଫାଇଲ୍ ସନ୍ଦିଗ୍ଧଙ୍କୁ ଆରପିଏଫ ଅଟକ ରଖିଛି । ଦୁଇ ଜଣଙ୍କୁ ପଚରାଉଚରା କରାଯାଉଛି ଏବଂ ମାମଲାର ଗମ୍ଭୀରତାକୁ ଦୃଷ୍ଟିରେ ରଖି, ଆରପିଏଫ ଏବଂ ପ୍ଲାଂଟସାଇଟ୍ ପୋଲିସ ମିଳିତ ତଦନ୍ତ କରୁଛନ୍ତି । ସୂତ୍ର ଅନୁଯାୟୀ, ଗତ କିଛି ଦିନ ଧରି ସନ୍ଦିଗ୍ଧଙ୍କ କାର୍ଯ୍ୟକଳାପ ଉପରେ ନଜର ରଖାଯାଇଛି । ତଦନ୍ତ ସମାପ୍ତ ହେବା ପରେ ହିଁ ମାମଲାର ସମ୍ପୂର୍ଣ୍ଣ ବିବରଣୀ ପ୍ରକାଶ ପାଇବ ।




## ବେଦବ୍ୟାସ ଛକରେ ସଡ଼କ ଦୁର୍ଘଟଣା :ସ୍କୁଟି ଚାଳକ ଗୁରୁତର ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତରିତ

## ଜିଲ୍ଲା ଯାଦବ ମହାସଭାର ବାର୍ଷିକ ଉତ୍ସବ

ସୁବର୍ଣ୍ଣପୁର,୯/୧୦(ନି/ପ୍ର): ସୁବର୍ଣ୍ଣପୁର ଜିଲ୍ଲା ଯାଦବ ସମାଜର ବାର୍ଷିକ ଉତ୍ସବ ସ୍ଥାନୀୟ ସମେଲେଇଶ୍ୱରି ମନ୍ଦିର ପରିସର ରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରଥମେ ମାଁ ବୁଢ଼ିସମଲେଇ ମନ୍ଦିରରୁ ଏକ ପାରମ୍ପାରିକ ବାଡିଖେଲର ଏକ ବିରାଟ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ସମଲେଇଶ୍ୱରି ମନ୍ଦିର ରେ ପହଂଚିଥିଲେ । ପରେ ମାଁ ସମଲେଶ୍ୱରିଙ୍କ ପୂଜାର୍ଚ୍ଚନା ପରେ ମନ୍ଦିର ପରିସରରେ ଏକ ସଭା ଆୟୋଜିତ ହୋଇଯାଇଛି । ଏହି ଉତ୍ସବରେ ଜିଲ୍ଲା ସଭାପତି ତପନ କୁଆଡି ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ସୁବର୍ଣ୍ଣପୁର ଜିଲ୍ଲାପରିଷଦ ଅଧ୍ୟକ୍ଷା ସୁପାର ଠେଲା ଯୋଗ ଦେଇ ଯାଦବ ସମାଜର ଉନ୍ନତି ତଥା ମଙ୍ଗଳ କାମନା କରିବା ସହିତ ଯାଦବ ସମାଜର ମହିଳା ମାନଙ୍କୁ ସମାଜର ମୁଖ୍ୟ ସ୍ରୋତ ରେ ସାମିଲ ହେବାପାଇଁ ପ୍ରବର୍ତ୍ତାଇ ଥିଲେ ।

# କେନ୍ଦ୍ରୀୟ ଛଟ ପୂଜା କମିଟିର ସଦସ୍ୟ ଭେଟିଲେ ସୁନ୍ଦରଗଡ଼ ଏସପି , ଅତିରିକ୍ତ ଜିଲ୍ଲାପାଳଙ୍କୁ



ରାଉରକେଲା,୯/୧୦(ନି/ପ୍ର):ଆଜି ସଂଯୋଜକ କୃଷ୍ଣ ସାହୁଙ୍କ ନେତୃତ୍ୱରେ କେନ୍ଦ୍ରୀୟ ଛଟ ପୂଜା କମିଟିର ଏକ ଦଳ ସୁନ୍ଦରଗଡ଼ ଜିଲ୍ଲା କାର୍ଯ୍ୟାଳୟରେ ପହଚିଂଥିଲେ, ଯେଉଁଠାରେ ସେମାନେ ସୁନ୍ଦରଗଡ଼ ପୋଲିସ ଅଧିକ୍ଷକ ଅମୃତପାଲ କୌର ଏବଂ ସୁନ୍ଦରଗଡ଼ର ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ସୁରଜ କୁମାର ପଟ୍ଟନାୟକଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ ଯେ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ନଦୀ ଏବଂ ପୋଖରୀ ଘାଟରେ ଛଟ ପୂଜା ପାଳନ କରାଯାଏ ।ଘାଟର ପରିଷ୍କାର ପରିଚ୍ଛନ୍ନତା, ଆଲୋକ ବ୍ୟବସ୍ଥା ଏବଂ ଟ୍ରାଫିକ୍ ବ୍ୟବସ୍ଥାକୁ ଉନ୍ନତ କରିବା ପାଇଁ ଆଲୋଚନା କରାଯାଇଥିଲା । ସୁନ୍ଦରଗଡ଼ ପୋଲିସ ଅଧିକ୍ଷକ କହିଛନ୍ତି ଯେ, ଲୋକ ବିଶ୍ୱାସର ମହାନ ପର୍ବ ଛଟ୍ ପୂଜା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁବିଧା ଯୋଗାଇ ଦିଆଯିବ । ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ କହିଛନ୍ତି ଯେ, ସୁନ୍ଦରଗଡ଼ ଜିଲ୍ଲାରେ ଛଟ ପୂଜାରେ ସମସ୍ତ ସଂଗଠନକୁ ପ୍ରଶାସନ ସମର୍ଥନ ଯୋଗାଇବ । କେନ୍ଦ୍ରୀୟ ଛଟ ପୂଜା କମିଟିର ଓପି ସିଂହ, ଜିତୁ ରାୟ, ଉଦୟ ପାଣ୍ଡେ, ସୁମିତ ସିଂହ ଉପସ୍ଥିତ ଥିଲେ ।

# ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମସ୍ତେ କାର୍ଯ୍ୟ କରିବା ଆବଶ୍ୟକ:ଦୁର୍ଗା ତନ୍ତୀ



ରାଉରକେଲା,୯/୧୦(ନି/ପ୍ର):ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଆଜି ୧୪୮ତମ ଜନ୍ମ ଜୟନ୍ତୀ । ଓଡ଼ିଶାର ସର୍ବ ପୁରାତନ ଖବରକାଗଜ ସମାଜର ପ୍ରତିଷ୍ଠାତା ସ୍ୱର୍ଗତ ଗୋପବନ୍ଧୁ ଦାସଙ୍କ ଆଜିର ଏହି ଜନ୍ମ ଜୟନ୍ତୀ ଅବସରରେ ସମାଜ ରାଉରକେଲା ସଂସ୍କରଣ ଦ୍ୱାରା ଇସ୍ପାତ ସହରାଂଚଳର ଆମ୍ବାଗାନ ଛକ ନିକଟରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ଆୟୋଜିତ ଏକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରଘୁନାଥପାଲ୍ଲୀ ବିଧାୟକ ଶ୍ରୀ ଦୁର୍ଗା ଚରଣ ତନ୍ତୀ ପ୍ରଥମେ ପ୍ରତିମୂର୍ତ୍ତିରେ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହିତ ମାଲ୍ୟାର୍ପଣ କରିଥିଲେ । ଏହି ଅବସରରେ ନିଜ ବକ୍ତବ୍ୟ ମାଧ୍ୟମରେ ଜାତି-ଧର୍ମ ଓ ଦଳ-ମତ ନିର୍ବିଶେଷରେ ସମାଜର ସମସ୍ତ ବର୍ଗର ଆବାଳବୃଦ୍ଧବନିତାଙ୍କ ସର୍ବାଙ୍ଗୀନ ମଙ୍ଗଳ ନିମିନ୍ତ ନିଃସ୍ୱାର୍ଥପର ଭାବନା ନେଇ ସ୍ୱର୍ଗତ ଗୋପବନ୍ଧୁ ଦାସଙ୍କ ଦ୍ୱାରା କରାଯାଇଥିବା ସେବାକାର୍ଯ୍ୟ ନାକେବଳ ଅତୁଳନୀୟ ଏହା ସନାଜର ଅନ୍ୟ ସମସ୍ତଙ୍କ ପାଇଁ ପ୍ରେରଣା ସଦୃଶ ବୋଲି ବିଧାୟକ ଶ୍ରୀ ଦୁର୍ଗା ଚରଣ ତନ୍ତୀ କହିବା ସହିତ ସର୍ବଦା ଗୋପବନ୍ଧୁଙ୍କ ସ୍ମୃତିଚାରଣ କରି ତାଙ୍କରି ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବା ପାଇଁ ଉପସ୍ଥିତ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ ।ଏହି ଅବସରରେ ରାଉରକେଲା ଇସ୍ପାତ କାରଖାନାର ସୂଚନା ଓ ଲୋକସମ୍ପର୍କ ବିଭାଗର ମୁଖ୍ୟ ଶ୍ରୀମତୀ ଅର୍ଚ୍ଚନା ଶତପଥୀ, ସମାଜ ରାଉରକେଲା ସଂସ୍କରଣ ମୁଖ୍ୟ ଶ୍ରୀ ମନୋରଞ୍ଜନ ମହାପାତ୍ର, ସାମ୍ବାଦିକ ଶ୍ରୀ ସତ୍ୟାନନ୍ଦ ଦାସ, ସୁମନ ଦନ୍ନ, ପ୍ରମୁଖ ମଧ୍ୟ ନିଜ ନିଜର ବକ୍ତବ୍ୟ ମାଧ୍ୟମରେ ସ୍ୱର୍ଗତ ଗୋପବନ୍ଧୁଙ୍କ ସ୍ମୃତିଚାରଣ କରିଥିଲେ । ଆୟୋଜିତ ଏହି ଉତ୍ସବରେ ବିଧାୟକଙ୍କ ଧର୍ମପତ୍ନୀ ଶ୍ରୀମତୀ ସୁଚିତ୍ରା ତନ୍ତୀ,ରାଉରକେଲା ଓକିଲ ସଂଘର ସଦସ୍ୟ ଶ୍ରୀ ସତ୍ୟାନନ୍ଦ ସାହୁ,ରାଜକିଶୋର ପ୍ରଧାନ, ଇସ୍ପାତ ଗଜପତି ମାର୍କେଟ କମିଟିର ଶଙ୍କର ଜେନାଙ୍କ ସମେତ ସହରର ବିଭିନ୍ନ ସଙ୍ଗଠନର ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ମଧ୍ୟ ଉପସ୍ଥିତ ଥିଲେ ।

# ରାଜ୍ୟ ବାହାର ଶ୍ରମିକଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ

ରାଜଗାଙ୍ଗପୁର,୯/୧୦(ନି/ପ୍ର): ରାଜଗାଙ୍ଗପୁର ରେ ଛୋଟ ବଡ଼ ବହୁତ କଳ କାରଖାନା ସ୍ଥାପନ ହେବା ସହ ସ୍ଥାନୟ ଲୋକଙ୍କୁ ରୋଜଗାର ଦେବା ସହ ଆଂଚଳିକ ବିକାଶ ହେବା ପାଇଁ ସରକାର କାରଖାନା ସ୍ଥାପନ ପାଇଁ ଆଦେଶ ଦେଇଛନ୍ତି କ୍ଷ କିନ୍ତୁ ଶ୍ରମ ବିଭାଗ ଙ୍କ ଅବହେଳା କିମ୍ବା କାରଖାନା ମାଲିକ ଏବଂ ଶ୍ରମ ବିଭାଗ ଙ୍କ ମଧୁ ଚନ୍ଦ୍ରିକା ଯୋଗୁ ସ୍ଥାନୀୟ ଅଂଚଳର ଶ୍ରମିକ ମାନେ ଚେନେଇ କେରଳ ସୁରଥ କୁ ଦାଦନ ଖଟିବାକୁ ଯାଉଛନ୍ତି କିନ୍ତୁ କାରଖାନା ମାଲିକ ମାନେ ବାହାର ରାଜ୍ୟରୁ ଶ୍ରମିକ ଆଣି କାର୍ଯ୍ୟ କରୁଥିବା ଜଣା ପଡୁ ଅଛି କ୍ଷ ଗତ କାଲି ଅପରାହ୍ନ ରେ ଉତ୍ତର ପ୍ରଦେଶ ରାଜ୍ୟ ର ଚାନ୍ଦୁନୀଲୀ ଜିଲ୍ଲା ର ବନୱାର ଏବଂ ମନୋଜ କାରଖାନା ରେ କାମ ସରି ରାଜ୍ୟ ରାଜପଥ ୧୦ ର ପଦା ଯାମପଲୀ ଠାରେ ରାଉରକେଲା ଠାରୁ ସୁନ୍ଦର ଗଡ଼ ଯାଉଥିବା ୧୮ ଚକିଆ ଟ୍ରେଲର ଓ ଡି ୧୬ଏଲ ୪୮୬୮ଗାଡିର ହଠାତ ଗାଡିର ବମ ପଟୁ ଗୋଟିଏ ଚକା ବାହାର ହୋଇ ବନ୍ୱାରୀ ଏବଂ ମନୋଜ ଙ୍କ ଉପରେ ପିଟି ହୋଇ ଗଲା ଯାହାକି ଘଟଣା ସ୍ଥଳରେ ବନୱାର ଙ୍କ ମୃତ୍ୟୁ ହୋଇ ଯାଇଥିଲା ମନୋଜ ଙ୍କ ଅବସ୍ଥା ଗୁରୁତ୍ୱ ଥିଲା ଘଟଣା ସ୍ଥଳରେ ରାଜଗାଙ୍ଗପୁର ପୋଲିସ ପହଚିଂ ଉଭୟଙ୍କୁ ରାଜଗାଙ୍ଗପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର କୁ ଆଣି ମନୋଜ କୁ ରାଉରକେଲା କୁ ଅଧିକ ଚିକିତ୍ସା ପାଇଁ ପଠେଇ୍ୱ ବ୍ୟବସ୍ଥା କରି୍ୱ ସହ ଟ୍ରେଲର ଗାଡିକୁ ଜବତ କରିଥିଲେ ଏହି ଘଟଣା ର ପୋଲିସ ଅଧିକ ତଦନ୍ତ କରୁଥିବା ଜଣା ଯାଇଛି ।

## ଛୁଟି ପରେ ଖୋଲିଲା ସରକାରୀ ବିଦ୍ୟାଳୟ

ମାଲକାନଗିରି,୯/୧୦ :ପୂଜା ଛୁଟି ପରେ ସରକାରୀ ବିଦ୍ୟାଳୟଗୁଡ଼ିକ ଖୋଲିଯାଇଛି । ତେବେ ଆଜି ପ୍ରଥମ ଦିନ ରେ ପିଲା ମାନଙ୍କ ଉପସ୍ଥାନ କମ୍ ରହିଥିଲା । ବିଦ୍ୟାଳୟ ଗୁଡ଼ିକ ଖୋଲିବା ଓ ଉପସ୍ଥାନ ସୁନିଶ୍ଚିତ କରିବା ପାଇଁ ମାଲକାନାଗିରି ଜିଲ୍ଲା ରେ ୩ ଗୋଟି ଟିମ୍ ଗଠନ କରାଯାଇ ଏହାର ତଦାରଖ କରା ଯାଇଥିଲା । ଜିଲ୍ଲା ଶିକ୍ଷା ଅଧିକାରୀ ଚିତ ରଞ୍ଜନ ପାଣିଗ୍ରାହୀ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଟିମ୍ ଜିଲ୍ଲାର ପ୍ରାୟ ୧୬ ଗୋଟି ବିଦ୍ୟାଳୟ ପରିଦର୍ଶନ କରି ଥିଲେ ।

# ସେକ୍ଟର-୭ ମାର୍କେଟରେ ଗଜଲକ୍ଷ୍ମୀ ପୂଜା



ରାଉରକେଲା,୯/୧୦(ନି/ପ୍ର): ସେକ୍ଟର-୭ ମାର୍କେଟ କମିଟି ପକ୍ଷରୁ ଚଳିତ ବର୍ଷ ଗଜଲକ୍ଷ୍ମୀ ପୂଜା ମହାସମାରୋହରେ ପାଳିତ ହେଉଛି । ମାର୍କେଟର ପ୍ରାୟ ୩୦ ଜଣ ଦୋକନୀଙ୍କ ସମ୍ମେଳିତ ସହଯୋଗ ଯୋଗୁଁ ଭକ୍ତମାନେ ମାଙ୍କ ଦର୍ଶନ ଅତି ଶୃଂଖଳାର ସହ କରୁଛନ୍ତି । ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ପୂଜାକୁ ଆହୁରି ଆକର୍ଷଣୀୟ କରାଯାଇଛି । କମିଟିର ସଦସ୍ୟ ମାନେ ଚଳିତ ବର୍ଷ ମା'ଙ୍କ ପୀଠରେ ଭଜନ ଓ କୀର୍ତନ ଆୟୋଜନ କରାଇ ଦର୍ଶକଙ୍କୁ ବିମୋହିତ କରୁଛନ୍ତି । ଗଜଲକ୍ଷ୍ମୀ ପୂଜାର ଅଜି ୩ୟ ଦିବସରେ ଆଖପାଖ ଅଂଚଳର ବହୁ ଭକ୍ତ ମା'ଙ୍କ ଦର୍ଶନ କରି କମିଟିର କାର୍ଯ୍ୟର ଉଚ୍ଚ ପ୍ରଶଂସା କରିଛନ୍ତି । କମିଟିର ସଭାପତି-ନବଘନ ମହାରଣା, କାର୍ଯ୍ୟକାରୀ ସଭାପତି-ନିଲୁ ବାରିକ, ଉପସଭାପତି-ଚକ୍ରଧର ଜେନା, ସାଧାରଣ ସଂପାଦକ- ପ୍ରଶାନ୍ତ କୁମାର ସାମଲ, ଯୁଗ୍ମ-ସଂପାଦକ ବିଭୁତି ପରିଡା, କୋଷାଧ୍ୟକ୍ଷ-ଜିତେନ୍ଦ୍ର କୁମାର ଦାସ, ଉପଦେଷ୍ଟା-ପ୍ରବୀଣ କୁମାର ପ୍ରଧାନ, ପ୍ରମୋଦ କୁମାର ବୋଇତି, ଅଶୋକ କୁମାର ବଂଶଲ, କସ୍ତୁରି ଚରଣ ସାହୁ ଏବଂ କାର୍ଯ୍ୟକାରୀ ସଦସ୍ୟ ଗୌତମ ବାରିକ, ପ୍ରଶାନ୍ତ କୁମାର ଦତ, ଶିବରାମ ଜେନା, ତ୍ରିଲୋଚନା ସାହୁ, ସଂଜୟ ସେନାପତି, ପ୍ରଶାନ୍ତ ଦାସ, ଡି.ମହାରଣା, ଜିତେନ୍ଦ୍ର କୁମାର ଦାସ, ସିମାଂଚଳ ଖଣ୍ଡୁଆଳ, ପ୍ରକାଶ ଚନ୍ଦ୍ର ପାତ୍ର, ଉତମ ବାରିକ, ସୁରେଶ ପ୍ରଧାନ, ଡି.ମହାନ୍ତି, ସଂଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଲକ୍ଷ୍ମୀ ପୂଜା ପାଇଁ ଏକ ବିରାଟ ଭୋଜିର ଆୟୋଜନ



ରାଉରକେଲା,୯/୧୦(ନି/ପ୍ର): ରାଉରକେଲା ସହରର ମାଲଗୋଦାମର ସର୍ବଭୂତି ଅନାଥ ଆଶ୍ରମ ନିକଟସ୍ଥ ପରିସରରେ ମାଲ ଗୋଦାମ ଲକ୍ଷ୍ମୀ ମାର୍କେଟ ପୂଜା କମିଟି ଦ୍ୱାରା ମହା ଆଡମ୍ବରରେ ଲକ୍ଷ୍ମୀ ପୂଜା ଆୟୋଜନ କରାଯାଇଛି । ଏଥିପାଇଁ ଏକ ବିଶାଳ ମଣ୍ଡପରେ ମାତା ଲକ୍ଷ୍ମୀଙ୍କ ଏକ ବିଶାଳ ମୂର୍ତ୍ତିସ୍ଥାପନା ସହିତ ଲକ୍ଷ୍ମୀ ପୂଜା ଆୟୋଜନ କରାଯାଇଛି । ପୂଜା କମିଟି ଦ୍ୱାରା ମଣ୍ଡପକୁ ରଙ୍ଗୀନ ଆଲୋକରେ ସଜାଯିବା ସହ ବିଶାଳ ତୋରଣ ଗେଟ୍ ମଧ ନିର୍ମାଣ କରାଯାଇଛି । ଆଜି ଗୁରୁବାରରେ ଲକ୍ଷ୍ମୀ ପୂଜା କମିଟି ଦ୍ୱାରା ମଧ୍ୟାହ୍ନରେ ବିଶାଳ ଭୋଜିର ଆୟୋଜନ କରାଯାଇଥିଲା ଏବଂ ଏହି ପ୍ରସାଦ ସେବନ ଅପରାହ୍ନ ପର୍ଯ୍ୟନ୍ତ ଚାଲିଥିଲା । ଏହି ବିଶାଳ ଭୋଜିରେ, ମାଲଗୋଦାମ ତେଲୁଗୁ ପଡ଼ା ବାସନ୍ତୀ କଲୋନୀରୁ ବହୁ ସଂଖ୍ୟାରେ ଭକ୍ତଙ୍କ ସହିତ ନିକଟରେ ରହୁଥିବା ଲୋକମାନେ ପ୍ରସାଦ ସେବନ କରିଥିଲେ । ଲକ୍ଷ୍ମୀ ପୂଜା କମିଟି ଦ୍ୱାରା ୧୭ ଅକ୍ଟୋବରରେ ବିସର୍ଜନ ଶୋଭାଯାତ୍ରା ବାହାର କରାଯିବ । ଆଜି ଏହି ବିଶାଳ ଭୋଜିରେ ମାଲ ଗୋଦାମ ଲକ୍ଷ୍ମୀ ମାର୍କେଟ ପୂଜା କମିଟିର ସଭାପତି ରାକେଶ ଶର୍ମା, ଉପାଧ୍ୟକ୍ଷ ସଞ୍ଜୁ ସାହୁ, ସଚିନ ଗୋପୀଚାନ୍ଦ ସାହୁ, ଉପାଧ୍ୟକ୍ଷ କରଣ ସିଂହ, କୋଷାଧ୍ୟକ୍ଷ କିଶୋର ବେହେରା, ପରାମର୍ଶଦାତା ସୀତାରାମ ଡାଟା, ଅଶୋକ ଚୌଧୁରୀ, ସତୀଶ ପ୍ରସାଦ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଆଜି, ଏହି ବିଶାଳ ଭୋଜି ପାଇଁ ପୂଜା ମଣ୍ଡପରେ ବହୁ ସଂଖ୍ୟକ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା ।

# ୨୪ ଲିଟର ବିଦେଶୀ ମଦ ଜବତ ୧ ଗିରଫ

ମାଲକାନଗିରି, ୯/୧୦(ନି/ପ୍ର):ମାଲକାନଗିରି ଜିଲ୍ଲା ପଡିଆ ପୁଲିସ ପକ୍ଷରୁ ୨୪ ଲିଟର ବିଦେଶୀ ମଦ ଜବତ କରାଯାଇଛି । ସୁଚନା ଅନୁଯାୟୀ ମଙ୍ଗଳବାର ଅପରାହ୍ନ ପ୍ରାୟ ତିନିଟା ସମୟରେ ପଡିଆ ଥାନା ଅଧିକାରୀ ଡିଏସପି ରମେଶ୍ୱର ପ୍ରଧାନ ଏକ ଟିମ୍ ନେଇ ଧରମପଲ୍ଲୀ ଗ୍ରାମରେ ମୋଟର ଯାନ ଯାଚଂ କରୁଥିବା ବେଳେ ଟେକାଲଗୁଡା ଗ୍ରାମର ଜଣେ ବ୍ୟକ୍ତି ଏକ ବାଇକ୍ ଯୋଗେ ଦୃତ ଗତିରେ ଧରମପଲ୍ଲୀରୁ ନିଲିଗୁଡାଅଭିମୁଖେ ଆସୁଥିଲେ । ଏହି ସମୟରେ ପୋଲିସ ମୋଟର ସାଇକେଲକୁ ଅଟକାଇ ପଛ ପଟେ ଥିବା ଏକ ବସ୍ତା ଯାଁଚ କରିବାରୁ ପ୍ରାୟ ୪୮ଟି କେନ ବିୟର ପାଇଥିଲେ ଓ ଏହାପରେ ପୋଲିସ ଘଟଣା ସ୍ଥଳରେ ବିଦେଶୀ ମଦ ଓ ମୋଟର ସାଇକେଲ ଜବତ କରିବା ସହ ଅଭିଯୁକ୍ତ ଙ୍କ ବିରୋଧରେ ଓଡିଶା ଅବକାରୀ ଆକ୍ଟ ଅନୁଯାୟୀ ଏକ ମାମଲା ରୁଜୁ କରିଥିବା ଜଣାପଡିଛି ।

# ମାସିକ ସାରସ୍ୱତ ସମାରୋହ ଓ ପୁସ୍ତକ ଉନ୍ମୋଚନ



ରାଉରକେଲା,୯/୧୦(ନି/ପ୍ର): ଗୋପବନ୍ଧୁ ପାଠାଗାର ଓ ସ୍ୱସ୍ତି ସାହିତ୍ୟ ସଂସଦ ମିଳିତ ଆନୁକୂଲ୍ୟରେ ମାସିକ ସାରସ୍ୱତ ସମାରୋହ ପାଠାଗାର ପରିସରରେ ଅନୁଷ୍ଠିତ ହୋଇଯାଇଛି । ସ୍ୱସ୍ତି ର ସମ୍ପାଦକ କବି ରାଜୀବ ପାଣିଙ୍କ ଆବାହକତ୍ୱ ଓ ଶିକ୍ଷାବିତ ଶର୍ମିଷ୍ଠା କବି ଶତପଥୀଙ୍କ ସଂଯୋଜନାରେ ଆୟୋଜିତ ଏହି ସାରସ୍ୱତ ଉତ୍ସବରେ ମହେନ୍ଦ୍ର କୁମାର ପଟ୍ଟନାୟକ ପୌରହିତ୍ୟ କରିଥିଲେ । ଏହି ଅବସରରେ ଆଲୋଚ୍ୟ ପ୍ରସଙ୍ଗ ପାର୍ବଣ ଋତୁ : ସାମ୍ପ୍ରତିକ ଗଳ୍ପ ଓ କବିତା ସମ୍ପର୍କରେ କବି ବିଜୟ ରାୟ ତଥା ଗାଳ୍ପିକା ମୋନାଲିସା ମିଶ୍ର ବିଷୟ ବିଶେଷଜ୍ଞ ଭାବେ ଯୋଗଦେଇ ମାର୍ମିକ ଆଲୋଚନା କରିଥିଲେ । ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ସ୍ୱସ୍ତି ର ଶାରଦୀୟ ବିଶେଷାଙ୍କ କୁ ଉନ୍ମୋଚନ କରାଯାଇଥିଲା । ଏଥିରେ ସହର ତଥା ରାଜ୍ୟର ପ୍ରତିଷ୍ଠିତ ସାରସ୍ୱତ ପ୍ରତିଭାଙ୍କ ସୃଷ୍ଟି ପ୍ରକାଶ ପାଇଛି । ଯାହା ପାଠକୀୟ ଆଦୃତି ଲାଭ କରିବ ବୋଲି ମତ ପ୍ରକାଶ ପାଇଥିଲା । ସେହିପରି ସଂସଦର ବରିଷ୍ଠ ସଭ୍ୟ ଶିକ୍ଷାବିତ ତଥା ଅଭିନେତା ରାଜକୁମାର ମହାନ୍ତିଙ୍କ ଜନ୍ମ ଦିବସ ପାଳନ କରାଯାଇ ତାଙ୍କର ଆଶୁ ଆରୋଗ୍ୟ କାମନା କରାଯାଇଥିଲା । କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ ସର୍ବଶ୍ରୀ ନୃସିଂହ ଚରଣ ବିଶ୍ୱାଳ, କୁଞ୍ଜବିହାରୀ ରାଉତ, କୃପାସିନ୍ଧୁ ଭୋଇ, ଅଶୋକ କୁମାର ପଟ୍ଟନାୟକ, ତ୍ରିନାଥ ସିଂହ, ଶ୍ରୀଧର ସୁନା ସ୍ୱରଚିତ କବିତା ପାଠ କରିଥିଲେ । ଆଲୋଚ୍ୟ ପ୍ରସଙ୍ଗର ଉପସଂହାର ଶିକ୍ଷାବିତ ଶଙ୍କର ପ୍ରସାଦ ତ୍ରିପାଠୀ କରିଥିବା ବେଳେ ଶେଷରେ ପରିଚାଳନା ସମ୍ପାଦକ ବିଜୟ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗିରିଜା ଶଙ୍କର ଗୋସ୍ୱାମୀ, କୃପାସିନ୍ଧୁ ନାୟକ, ଅଜିତ ମୋହନ ପୁଜାରୀ, ସୁଷମା ପାଣି, କାଶୀନାଥ ନନ୍ଦୀ, ଗୌତମ ଦାସ,ପାରେଶ୍ୱର ବିଶ୍ୱାଳ, ଅଜୟ ମହାନ୍ତି,ଅକ୍ଷୟ ଧଳ, ବିକ୍ରମ ଆଚାର୍ଯ୍ୟ, ଗୀତାଞ୍ଜଳି ପତ୍ରୀ, ଜ୍ୟୋତ୍ସ୍ନାରାଣୀ ପାତ୍ର, ପ୍ରବୋଧ ଜେନା, ସୁଶାନ୍ତ ପାଣି, ଅନିଲ ଦାଶ, ନବଘନ ସାହୁ, ହରିହର ଶତପଥୀ, ରଶ୍ମିବାଳା ରାଉତରାୟ, ବିଜୟଲକ୍ଷ୍ମୀ ପଟ୍ଟନାୟକ, ମୀନକେତନ ପଶାୟତ, କନକଲତା ଦାସ, ଲକ୍ଷ୍ମଣନାଥ ଦାସ,ଶରତ ଦାସ, ପ୍ରଦୀପ ପଟ୍ଟନାୟକ ଙ୍କ ସମେତ ବହୁ ସାହିତ୍ୟିକ, କବି ଓ ବୁଦ୍ଧିଜୀବିମାନେ ଯୋଗଦେଇଥିଲେ ।